## କର୍ତ୍ତବ୍ୟରେ ଅବହେଳା: ଉଚ୍ଚଶିକ୍ଷା ବିଭାଗ କର୍ମଚାରୀଙ୍କ ଦରମା ବନ୍ଦ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)-କର୍ତ୍ତବ୍ୟରେ ଅବହେଳା ପାଇଁ ଉଚ୍ଚଶିକ୍ଷା ବିଭାଗର କେତେଜଣ ଅଧିକାରୀଙ୍କର ଦରମା ବନ୍ଦ କରାଯାଇଛି। ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଯୁଗ୍ମ ସଚିବ, ଡେପୁଟି ସେକ୍ରେଟାରି, ଏଏସ୍‌ଓ ସମେତ ଅନ୍ୟ କେତେଜଣ କର୍ମଚାରୀ ନିଜର କର୍ତ୍ତବ୍ୟ ଠିକ୍‌ରୂପେ ସମ୍ପାଦନ କରି ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।

**ସଂକ୍ଷେପରେ**

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମିଳିବ ବର୍ଦ୍ଧିତ ଛାତ୍ରବୃତ୍ତି

ଭୁବନେଶ୍ୱର,୨୧।୧୨(ବ୍ୟୁରୋ): ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମିଳିବ ବର୍ଦ୍ଧିତ ଛାତ୍ରବୃତ୍ତି। ବାଣୀଶ୍ରୀ ଯୋଜନାରେ ଆସନ୍ତା ଶିକ୍ଷାବର୍ଷଠାରୁ ୨୩ ହଜାର ୬ ଶହ ଦିବ୍ୟାଙ୍ଗ ଛାତ୍ରୀଛାତ୍ରୀଙ୍କୁ ବର୍ଦ୍ଧିତ ଛାତ୍ରବୃତ୍ତି ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ସ୍କୁଲରେ ପଢୁଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ବୃତ୍ତି ୨ ଶହରୁ ୪୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିଭଳି ଷଷ୍ଠରୁ ଦଶମ ଶ୍ରେଣୀର ପିଲାଙ୍କ ବୃତ୍ତି ୨୫୦ରୁ ପାଖାପାଖି ୫ଶହ ଟଙ୍କାକୁ ବୃଦ୍ଧି ହୋଇଛି। ଯୁକ୍ତ୨ ଓ ଯୁକ୍ତ୩ର ଛାତ୍ରଙ୍କ ବୃତ୍ତି ୩ ଶହରୁ ୬ ଶହକୁ ବୃଦ୍ଧି କରାଯାଇଛି। ସେହିଭଳି ସ୍ନାତକୋତ୍ତର ଓ ବୈଷୟିକ ଧନ୍ଦାମୂଳକ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ବୃତ୍ତି ୩୫୦ରୁ ୭୦୦କୁ ବୃଦ୍ଧି କରାଯିବ। ବାକି ଜେନେରାଲ ଟେକ୍ନିକାଲ୍ ଓ ପ୍ରଫେସନାଲ ଏଜୁକେଶନ୍ ଫର ପ୍ରାଇଭେଶନାଲରେ ରାଜ୍ୟ ବାହାରେ ପଢୁଥିବା ପିଲାଙ୍କ ବୃତ୍ତି ୩୫୦ରୁ ୭୦୦ ଟଙ୍କାକୁ ବୃଦ୍ଧି କରାଯିବ। ରିଡର ଆଲାଉନ୍ସରେ ବୃତ୍ତି ୧୦୦ ଟଙ୍କାରୁ ୨ ଶହ ଟଙ୍କାକୁ ବୃଦ୍ଧି ଓ ମିଡିଲ୍ ସ୍କୁଲ ପାଇଁ ୧୫୦ରୁ ୩୦୦କୁ ବୃଦ୍ଧି ହୋଇଛି। ଅନ୍ୟମାନଙ୍କ ପାଇଁ ୨ ଶହରୁ ୪୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଶାରୀରିକ ପ୍ରତିବନ୍ଧକ ପିଲାଙ୍କ ପାଇଁ ପରିବହନ ଆଲାଉନ୍ସ ଘୋଷଣା କରାଯାଇଛି। ଏହା ଆସନ୍ତା ଆର୍ଥିକବର୍ଷରୁ ଲାଗୁ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

# କଟ୍‌ନୀଛଟ୍‌ନୀ ପରେ ଉଠିଲା ଧାନ


ମାର୍କେଟ ୟାର୍ଡରେ ଧାନ ବୋଝେଇ ଗାଡି ଜଗିରହିଥିବା ଚାଷୀମାନେ।

## ସରବାହାଲ ମାର୍କେଟ୍ ୟାର୍ଡରେ ଅଚଳାବସ୍ଥା

**ଝାରସୁଗୁଡ଼ା ଅଫିସ,୨୧।୧୨**

ଝାରସୁଗୁଡ଼ା ସରବାହାଲ ମାର୍କେଟ ୟାର୍ଡ (ଧାନମଣ୍ଡି) ସୋମବାର ଉଦ୍‌ଘାଟନ ହେବା ପରେ ୩ ପଞ୍ଜୀକୃତ ଚାଷୀଙ୍କ ନିକଟରୁ ୩୬୦ବସ୍ତା ଧାନ କିଣାଯାଇଥିଲା। ଦ୍ୱିତୀୟ ଦିନ ମଙ୍ଗଳବାର ମାର୍କେଟ୍ ୟାର୍ଡରେ କଟ୍‌ନୀଛଟ୍‌ନୀକୁ ନେଇ ଅଚଳାବସ୍ଥା ଦେଖାଦେଇଥିଲା। ଚାଷୀମାନେ ମଣ୍ଡିରେ ଗାଡିରେ ଧାନ ବୋଝେଇକରି ସକାଳ ୯ଟାରୁ ଅପରାହ୍ଣ ସାଢେ ୪ଟା ପର୍ଯ୍ୟନ୍ତ ଭୋକ ଉପାସରେ ପଡିରହିଥିଲେ। ସେମାନେ ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ରମେଶ ଚନ୍ଦ୍ର ଟପ୍ପୋ ଓ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଜାଣିବା ପରେ ଧାନ ଫେରାଇନେଇ ଏଫ୍‌ଏକ୍ୟୁ ମାନର ଧାନ ଆଣିବାପାଇଁ ଯୋଗାଣ ବିଭାଗ ତରଫରୁ ଚାଷୀଙ୍କୁ କୁହାଯାଇଥିଲା। ହେଲେ ବାରମ୍ବାର ଗାଡିରେ ଧାନ ନେବାଆଣିବା କରିବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଥିଲା। ଖବରପାଇ କେତେଜଣ ଗଣମାଧ୍ୟମ ପ୍ରତିନିଧି ମାର୍କେଟ୍ ୟାର୍ଡରେ ପହଞ୍ଚି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ଯୋଗାଣ ଅଧିକାରିଣୀ ସନ୍ତୋଷିନୀ ପଣ୍ଡା ଓ କ୍ୱାଲିଟି ଆସେସ୍‌ମେଣ୍ଟ ଅଧିକାରିଣୀ ଦୀପିକା ମହାନ୍ତି ପ୍ରମୁଖ ପହଞ୍ଚି ଚାଷୀ ଓ ମିଲର୍ସଙ୍କ ସହିତ ଆଲୋଚନା କରିଥିଲେ। ଧାନର ମାନ ନିର୍ଦ୍ଧାରଣ ଓ କଟ୍‌ନୀଛଟ୍‌ନୀକୁ ନେଇ ସେମାନଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। ଶେଷରେ କେତେଜଣ ଚାଷୀ କୁଇଣ୍ଟାଲ ପିଛା ୩ କିଲୋ ଓ ଆଉ କେତେଜଣ ୪କିଲୋ କଟ୍‌ନୀଛଟ୍‌ନୀ କରି ମିଲର୍ସଙ୍କୁ ଧାନ ବିକ୍ରି କରିବାପାଇଁ ବାଧ୍ୟ ହୋଇଥିଲେ। ଦ୍ୱିତୀୟ ଦିନରେ ଶ୍ରୀପୁରା ଓ ବଡମାଲ ପ୍ୟାକ୍ସର ୪ଜଣ ପଞ୍ଜୀକୃତ ଚାଷୀ ୩୯୩ କୁଇଣ୍ଟାଲ ଧାନଧରି ମାର୍କେଟ୍ ୟାର୍ଡରେ ପହଞ୍ଚିଥିଲେ। ମା’ କାଳୀ, ସାରଦା, ଦୁର୍ଗା ଆଗ୍ରୋ, ପବନସୂତ ଆଦି ମିଲର୍ସ ଚାଷୀଙ୍କ ନିକଟରୁ ଧାନ କିଣିଥିଲେ। ଚାଷୀଙ୍କ କହିବା କଥା ପ୍ଲାଷ୍ଟିକ୍ ବସ୍ତାରେ ଧାନଧରି ମାର୍କେଟ୍ ୟାର୍ଡକୁ ଆଣିଲେ ଏହାକୁ ମଲର୍ସମାନେ ଗ୍ରହଣ କରୁନାହାନ୍ତି। ସୁତୁଲି ବସ୍ତାରେ ଆଣିବାପାଇଁ ବାଧ୍ୟ କରୁଛନ୍ତି। ଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ଯୋଗାଣ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ଦାବି ହେଉଛି।

## ‘କମ୍ୟୁନିଟି କିଚେନ ଯୋଜନାର ସବୁ ଅର୍ଥ କେନ୍ଦ୍ର ବହନ କରୁ’

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ରାଜ୍ୟରେ କେହି ଜଣେ ଗରିବ ଯେପରି ଖାଦ୍ୟ ନିରାପତ୍ତାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସମୟୋଚିତ ପଦକ୍ଷେପ ଯୋଗୁ ଓଡ଼ିଶାରେ ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରାଯାଇପାରିଛି। ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମରେ ଅନ୍ତର୍ଭୁକ୍ତ ହୋଇପାରି ନ ଥିବା ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ଏହାସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଦୁଃସ୍ଥ ଓ ଗରିବ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଅଣାଯାଇଛି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀମାନଙ୍କ କମ୍ୟୁନିଟି କିଚେନ୍ ଯୋଜନା ସମ୍ପର୍କିତ ବୈଠକରେ ଯୋଗଦେଇ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହା କହିଛନ୍ତି। କମ୍ୟୁନିଟି କିଚେନ୍ ଯୋଜନା ନିମନ୍ତେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଆର୍ଥିକ ଭାର ବହନ କରିବା ଆବଶ୍ୟକ ଓ ଏହାର ସୁପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ହେବା ଦରକାର। କର୍ପୋରେଟ୍ ହାଉସ୍‌ଗୁଡ଼ିକ କମ୍ୟୁନିଟି କିଚେନ୍ ନିମନ୍ତେ ସେମାନଙ୍କ କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପାଣ୍ଠି ବିନିଯୋଗ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ମନ୍ତ୍ରୀ ସ୍ୱାଇଁ ମତ ପ୍ରଦାନ କରିଛନ୍ତି।

ଗରିବ ଓ ଅସହାୟ ଲୋକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇବା ସମ୍ବନ୍ଧର ଯୋଜନା ପ୍ରସ୍ତୁତ ନିମନ୍ତେ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ନିଜସ୍ୱ ଆହାର ଯୋଜନାରେ ସହରାଞ୍ଚଳରେ ଆହାର କେନ୍ଦ୍ର ଖୋଲାଯାଇ ଗରିବ ଓ ଅଭାବୀଙ୍କୁ ସୁଲଭ ମୂଲ୍ୟରେ ରନ୍ଧାଖାଦ୍ୟ ନିୟମିତ ଯୋଗାଇ ଦିଆଯାଉଛି। ଏହାସହ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ଆଇସିଡିଏସ୍ କେନ୍ଦ୍ର ମାଧ୍ୟମରେ ରନ୍ଧାଖାଦ୍ୟ ବିନା ମୂଲ୍ୟରେ ଦିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆବଶ୍ୟକତା ଅନୁଯାୟୀ କମ୍ୟୁନିଟି କିଚେନ୍ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସମ୍ବେଦନଶୀଳ ଗୋଷ୍ଠୀ ଯେଉଁମାନଙ୍କ ରନ୍ଧାଖାଦ୍ୟ ଯୋଗାଡ଼ କରିବା ପାଇଁ ସାମର୍ଥ୍ୟ ନାହିଁ, ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ସହରାଞ୍ଚଳର ଆଶ୍ରୟ ଗୃହଗୁଡ଼ିକୁ ଚିହ୍ନଟ କରାଯାଇ କମ୍ୟୁନିଟି କିଚେନ୍ ଖୋଲାଯାଇ ଗରିବଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବା ଉଚିତ। ସେହିପରି ଗ୍ରାମାଞ୍ଚଳରେ ଅଙ୍ଗନଓ୍ୱାଡି କେନ୍ଦ୍ର ଓ ଆଇସିଡିଏସ୍ କେନ୍ଦ୍ରଗୁଡ଼ିକରେ କମ୍ୟୁନିଟି କିଚେନ୍‌ମାଧ୍ୟମରେ ଦୁଃସ୍ଥ ପିଲାଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବା ଆବଶ୍ୟକ। ଦିବ୍ୟାଙ୍ଗ ଏବଂ ଅନାଥ ପିଲା, ଗୁରୁତର ରୋଗୀ ଯେପରି ସହଜ ଓ ସୁବିଧାରେ ନିୟମିତ ରନ୍ଧାଖାଦ୍ୟ ପାଇପାରିବେ ସେଥି ନିମନ୍ତେ ବିଶେଷ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନସଂଗ୍ରହ, ସୁଲଭ ମୂଲ୍ୟ ଦୋକାନ ପରିଚାଳନା ଆଦି ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରୁଥିବା ଦୃଷ୍ଟିରୁ ସେମାନଙ୍କୁ ଏହି ଯୋଜନାରେ ଅଧିକ ସଂଖ୍ୟାରେ ସାମିଲ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

ବିଜି୨୧୧୨ସି- ବିଦେଶ ଫେରନ୍ତା ବୈଜ୍ଞାନିକଙ୍କ ଘରେ ଡାକ୍ତରୀ ଦଳ।

## ଓମିକ୍ରନ୍ ଭୟ: ବିଦେଶ ଫେରନ୍ତାଙ୍କୁ ସତର୍କଦୃଷ୍ଟି

**ଅତାବିରା,୨୧।୧୨(ଡି.ଏନ.ଏ)**

ସାରା ବିଶ୍ୱରେ ଏବେ ଓମିକ୍ରନ୍ ସଂକ୍ରମଣ ଭୟ ବଢିବାରେ ଲାଗିଛି। ଏଥିପାଇଁ ସବୁଆଡ଼େ ଲୋକଙ୍କୁ ସଚେତନ ମଧ୍ୟ କରାଯାଉଛି। ବୈଜ୍ଞାନିକ ଛନ୍ଦାଚରଣ ଦନ୍ତା ଲଣ୍ଡନରୁ ନିଜ ଗ୍ରାମ ବରଗଡ଼ ଜିଲା ଭେଡ଼େନ ବ୍ଲକ ଉଦେପୁର ସ୍ଥିତ ଘରକୁ ଫେରିଥିବା ସୂଚନା ପାଇ ମଙ୍ଗଳବାର ଏକ ଡାକ୍ତରୀ ଦଳ ତାଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ଡାକ୍ତରୀ ଦଳ ପରାମର୍ଶ ଦେଇଥିବାବେଳେ କୋଭିଡ୍, ଓମିକ୍ରନ୍ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିଥିଲେ। ଡାକ୍ତରୀ ଦଳରେ ଭେଡ଼େନ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ସଞ୍ଜୟ କୁମାର ମେହେର, ଡା. କୁସୁମଲତା ସାହୁ, ଫାର୍ମାସିଷ୍ଟ ସଞ୍ଜୀବ ସରାଫ, କୃଷ୍ଣଚନ୍ଦ୍ର ହଂସ ପ୍ରମୁଖ ଥିଲେ। କୋଭିଡ୍, ଓମିକ୍ରନ ପରୀକ୍ଷା ପାଇଁ ବିଦେଶ ଫେରନ୍ତା ବୈଜ୍ଞାନିକଙ୍କ ସମେତ ପରିବାରର ଅନ୍ୟ ସଦସ୍ୟଙ୍କ ନମୂନା ସଂଗ୍ରହ କରାଯାଇଛି। ସଂଗୃହୀତ ନମୂନାକୁ ପରୀକ୍ଷା ପାଇଁ ବୁର୍ଲା ଏବଂ ଭୁବନେଶ୍ୱର ସ୍ଥିତ ପରୀକ୍ଷାଗାରକୁ ପଠାଯିବ ଏବଂ ୩ଦିନ ମଧ୍ୟରେ ରିପୋର୍ଟ ଆସିଯିବ ବୋଲି ମେଡ଼ିକାଲ ଅଫିସର ଡା. ମେହେର କହିଛନ୍ତି।


ଶୀତରୁ ରକ୍ଷା ପାଇବା ପାଇଁ ବାଲିଶଙ୍କରା ବ୍ଲକ ତିଲଡେଗା ଗ୍ରାମର ଲୋକେ ନିଆଁ ପୁଉଁଛନ୍ତି।

## କମ୍ ସଂଖ୍ୟକ ଆବେଦନ: ଗଣଶିକ୍ଷା ସଚିବଙ୍କ କ୍ଷୋଭ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବୃତ୍ତି ପ୍ରଦାନ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ୩୦ଟି ଜିଲାର ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇଥିଲେ। ଉଚ୍ଚ ମାଧ୍ୟମିକ ଛାତ୍ରୀଛାତ୍ରଙ୍କ ଲାଗି ଉଦ୍ଦିଷ୍ଟ କନିଷ୍ଠ ମେଧାବୃତ୍ତି ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ୧୦ହଜାର ଛାତ୍ରୀଛାତ୍ରଙ୍କୁ ପ୍ରଦାନ ପାଇଁ ସରକାରୀ ବ୍ୟବସ୍ଥା ଥିବା ବେଳେ ଏଥିପାଇଁ ଗତ ନଭେମ୍ବର ୧୮ରୁ ଅଦ୍ୟାବଧି ମାତ୍ର ୨,୯୫୯ ଜଣ ଆବେଦନ କରିଥିବାରୁ ସଚିବ କ୍ଷୋଭ ପ୍ରକାଶ କରିଛନ୍ତି। ଏ ଦିଗରେ ପ୍ରଚାର ପ୍ରସାରର ଅଭାବ ହେତୁ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଆବେଦନ କରିଥିବା ଜଣାପଡ଼ିଥିଲା।

**ମେଧାବୃତ୍ତି ଆବେଦନ ନେଇ ସମୀକ୍ଷା**

ଷ୍ଟେଟ୍ ସ୍କଲାରଶିପ ପୋର୍ଟାଲ ମାଧ୍ୟମରେ ଏହି ବୃତ୍ତି ପାଇଁ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା। ବିଶେଷ କରି ଏହି ବୃତ୍ତି ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଯେ କୌଣସି ବୋର୍ଡ ଅଧୀନରେ ପଢୁଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ। ଏଥିପାଇଁ ଆବେଦନର ଶେଷ ତାରିଖ ଆସନ୍ତା ୨୭ ତାରିଖ ରହିଛି। ଜିଲା ଶିକ୍ଷା ଅଧିକାରୀମାନେ ନିଜ ଜିଲାର ସମସ୍ତ ଓଡ଼ିଆ ଓ ଇଂଲିଶ ମାଧ୍ୟମ ସରକାରୀ ଓ ବେସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ସହିତ ବୈଠକ କରିବା ପାଇଁ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ୨୦୨୧-୨୨ ନିମନ୍ତେ ୧ହଜାର ଛାତ୍ରୀଛାତ୍ର ପାଇବା ପାଇଁ ବ୍ୟବସ୍ଥା ଥିବାବେଳେ ଗତ ୬ରୁ ଏପର୍ଯ୍ୟନ୍ତ ମାତ୍ର ୩୦୭ ଜଣ ଆବେଦନ କରିଛନ୍ତି। ଏହି ବୃତ୍ତି ଆବେଦନ ପାଇଁ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ନାମ ଷ୍ଟେଟ୍ ସ୍କଲାରଶିପ୍ ପୋର୍ଟାଲରେ ଉପଲବ୍ଧ ଥିବାରୁ ଏହାକୁ ସୁନିଶ୍ଚିତ କରିବା ନିମନ୍ତେ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀମାନେ ନିଜେ ଲଗ୍ ଇନ୍ କରି ଦୈନିକ ଆବେଦନର ଅଗ୍ରଗତି ସମୀକ୍ଷା କରିବା ପାଇଁ ସଚିବ ପରାମର୍ଶ ଦେଇଥିଲେ। ମେଧାବୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ପ୍ରଥମ କରି ବୃତ୍ତି ଟଙ୍କା ସହ ବିଭାଗ ତରଫରୁ ଏକ ଇ-ସାର୍ଟିଫିକେଟ୍ ପ୍ରଦାନ ବ୍ୟବସ୍ଥା କରାଯାଇଥିବା ସଚିବ କହିଥିଲେ। ଏହି ବୈଠକରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ‘ମୋ ସ୍କୁଲ’ ପକ୍ଷରୁ ସୋସିଆଲ ଅଡିଟ୍ ଆରମ୍ଭ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)**

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ‘ମୋ ସ୍କୁଲ୍ ଅଭିଯାନ’ ପକ୍ଷରୁ ‘ସୋସିଆଲ୍ ଅଡିଟ୍’ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ‘ମୋ ସ୍କୁଲ୍ ଅଭିଯାନ’ ଅଧୀନରେ ରାଜ୍ୟର ଉଚ୍ଚ, ଉଚ୍ଚ ପ୍ରାଥମିକ ଏବଂ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଏବଂ ଅର୍ଥ ବିନିଯୋଗର ସମୀକ୍ଷା ନିମନ୍ତେ ମୋ ସ୍କୁଲ୍ ଅଭିଯାନ ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ‘ମୋ ସ୍କୁଲ୍’ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ରାଜ୍ୟର ୩୦ଟି ଜିଲାର ୧୫୦ଟି ସ୍କୁଲ୍‌ରେ ସୋସିଆଲ୍ ଅଡିଟ୍ ଆରମ୍ଭ ହୋଇଥିବା ବେଳେ ଏଥିରେ ପ୍ରତି ଜିଲାରୁ ୫ଟି ଲେଖାଏ ସ୍କୁଲ୍ ରହିଛି। ଏହାପରେ ପର୍ଯ୍ୟାୟକ୍ରମେ ରାଜ୍ୟର ୩୫,୦୦୦ ପ୍ରକଳ୍ପ ବିଦ୍ୟାଳୟରେ ସୋସିଆଲ୍ ଅଡିଟ୍ କରାଯିବାକୁ ଯୋଜନା ରହିଛି।

ଗୋଷ୍ଠୀ ସହଭାଗିତାକୁ ଗୁରୁତ୍ୱ ଦେଇ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍କୁଲ୍ ପରିଚାଳନା କମିଟି, ପୁରାତନ ଛାତ୍ରୀଛାତ୍ର ଏବଂ ଅର୍ଥଦାନ କରିଥିବା ବ୍ୟକ୍ତିବିଶେଷଙ୍କ ଅନ୍ତର୍ଭୁକ୍ତିକୁ ପ୍ରାଥମିକତା ଦିଆଯାଉଛି। ପ୍ରକଳ୍ପ ପାଇଁ କେତେ ଟଙ୍କାର ଆର୍ଥିକ ସହାୟତା ମିଳିଥିଲା, ରାଜ୍ୟ ସରକାରଙ୍କ ମ୍ୟାଚିଗ୍ରାଣ୍ଟ ମିଶିବା ପରେ ମୋଟ କେତେ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା, ଏଥିପାଇଁ କେଉଁଠାରୁ ଏବଂ କେତେ ଟଙ୍କାର ସାମଗ୍ରୀ କ୍ରୟ କରାଯାଇଛି, ମୋଟ କେତେ ଅର୍ଥ ବ୍ୟୟ ହୋଇଛି, ସେ ନେଇ ସମସ୍ତ ଷ୍ଟେକ୍‌ହୋଲ୍ଡର ତଥା ହିତାଧିକାରୀଙ୍କୁ ଅବଗତ କରାଯିବ। ଏଥିପାଇଁ ସ୍କୁଲ୍‌ଗୁଡ଼ିକରେ ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯାଇ ସମସ୍ତଙ୍କ ଉପସ୍ଥିତିରେ ପ୍ରକଳ୍ପର ବ୍ୟୟବରାଦ ସମ୍ପର୍କରେ ଆଲୋଚନା କରାଯାଉଛି। କେତେକ ସ୍ଥାନକୁ ‘ମୋ ସ୍କୁଲ୍’ର ବରିଷ୍ଠ ଅଧିକାରୀମାନେ ଗସ୍ତ କରି ସେଠାରେ ଅର୍ଥ ବିନିଯୋଗର ସମୀକ୍ଷା କରିବା ସହ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଉଛି।

ପ୍ରଧାନଶିକ୍ଷକଙ୍କ ନେତୃତ୍ୱରେ ୩ଜଣ ସୋସିଆଲ୍ ଅଡିଟର୍ କମିଟିକୁ ନେଇ ଏହି ଅଡିଟ୍ କରାଯାଉଥିବା ବେଳେ ଏଥିରେ ଅର୍ଥଦାନ କରିଥିବା ବ୍ୟକ୍ତିବିଶେଷଙ୍କର ଜଣେ ପ୍ରତିନିଧି, ସ୍କୁଲ୍ ପରିଚାଳନା କମିଟି ତଥା ପୁରାତନ ଛାତ୍ରୀଛାତ୍ର ସଂଘର ଜଣେ ପ୍ରତିନିଧି ଏବଂ ଜଣେ ବରିଷ୍ଠ ଶିକ୍ଷାଧିକାରୀ କିମ୍ବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଦସ୍ୟ ରହୁଛନ୍ତି। ପ୍ରତ୍ୟେକ ସ୍କୁଲ୍‌ରେ ୩ଦିନ ଧରି ଚାଲୁଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ସ୍କୁଲ୍‌ସ୍ତରରେ ରେକର୍ଡ ଯାଞ୍ଚ, ଦ୍ୱିତୀୟ ଦିନରେ ରିପୋର୍ଟ ଲିଖନ ଏବଂ ଶେଷଦିନ ପବ୍ଲିକ୍ ଡିସ୍‌କ୍ଲୋଜର୍ କରାଯାଉଛି। ଇତିମଧ୍ୟରେ ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲାରେ ସୋସିଆଲ୍ ଅଡିଟ୍ ଶେଷ ହୋଇଥିବା ବେଳେ ଡିସେମ୍ବର ଶେଷ ସୁଦ୍ଧା ଅନ୍ୟ ଜିଲାଗୁଡ଼ିକରେ ଶେଷ କରିବାକୁ ଲକ୍ଷ୍ୟ ରହିଛି।


| | | | | | |
|---|---|---|---|---|---|
| | 246 | 39 | Sarada –III | Jungle | 0.318 |
| | 247 | 39 | Bajephasa-la -II | Jungle | 1.903 |
| | 250 | 39 | Taila - II | Jungle | 0.313 |
| | 258 | 23 | Sarada –III | Jungle | 2.146 |
| | 301 | 39 | Sarada –I | Jungle | 0.445 |
| | 306 | 39 | Sarada –I | Jungle | 0.476 |
| | 307 | 1 | Sarada –I | Jungle | 0.675 |
| | 308 | 25 | Sarada –I | Jungle | 0.671 |
| | 309 | 39 | Sarada –I | Jungle | 0.213 |
| | 310 | 39 | Sarada –I | Jungle | 0.427 |
| | 311 | 39 | Sarada –I | Jungle | 0.295 |
| | 312 | 37 | Gochar | Jungle | 9.649 |
| | 358 | 39 | Patita | Jungle | 5.399 |
| | 382 | 23 | Taila-II | Jungle | 0.857 |
| | 386 | 19 | Taila -II | Jungle | 0.983 |
| | 398 | 25 | Taila -II | Jungle | 0.077 |
| | 414 | 15 | Taila –I | Jungle | 0.723 |
| | 437 | 2 | Taila -II | Jungle | 0.039 |
| **Sub - total** | | | | **77.110 Ac or 31.206 ha** | |
| Guruda | 384 | 43 | Taila –I | Jungle | 0.07 |
| | 388 | 43 | Taila –I | Jungle | 0.079 |
| | 391 | 43 | Patita | Jungle | 0.201 |
| | 392 | 43 | Taila –I | Jungle | 0.09 |
| | 397 | 43 | Taila –I | Jungle | 0.487 |
| | 398 | 43 | Taila –I | Jungle | 1.832 |
| | 414 | 42 | Danda | Jungle | 0.051 |
| | 420 | 43 | Gharbari | Jungle | 0.668 |
| | 421 | 43 | Gharbari | Jungle | 0.094 |
| | 422 | 43 | Talia -II | Jungle | 1.721 |
| | 423 | 43 | Gharbari | Jungle | 0.109 |
| | 424 | 43 | Taila –I | Jungle | 1.123 |
| | 425 | 42 | Rasta | Jungle | 0.406 |
| | 428 | 43 | Patita | Jungle | 0.497 |
| | 429 | 41 | U.J.J. | Jungle | 1.603 |
| | 433 | 43 | Sarada –III | Jungle | 0.007 |
| | 440 | 41 | U.J.J. | Jungle | 3.374 |
| | 441 | 43 | Patita | Jungle | 0.005 |
| **Sub - total** | | | | **12.416 Ac or 5.026 ha** | |
| Jaroli | 204 | 90 | Patharabani | Jungle | 4.367 |
| **Sub - total** | | | | **4.367 Ac or 1.767 ha** | |

| Name of the Village | Forest land in (Hect.) as per Hal | | | | Total M.L. Area in Hect. | Forest land as on 25.10.1980 from non-forest land (sabik) | Total forest land (Hal & Sabik) |
|---|---|---|---|---|---|---|---|
| | F.F. | D.L.C. | Total | Non-forest land area in (ha) | | | |
| **Khandabandh** | 80.723 | 197.512 | 278.235 | 51.897 | 330.132 | 31.206 | 309.441 |
| Guruda | 1.866 | Nil | 1.866 | 5.457 | 7.323 | 5.026 | 6.892 |
| Jalahari | 13.624 | Nil | 13.624 | Nil | 13.624 | Nil | 13.624 |
| Jaroli | 0.501 | 12.461 | 12.962 | 1.767 | 14.729 | 1.767 | 14.729 |
| Jajang | 0.503 | Nil | 0.503 | Nil | 0.503 | Nil | 0.503 |
| **Total** | **97.217** | **209.973** | **307.190** | **59.121** | **366.311** | **37.999** | **345.189** |

OIPR-30005/11/0168/2122


## ସେତୁ ଶିଳାନ୍ୟାସକୁ ନେଇ ବିବାଦ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୧।୧୨ (ଡି.ଏନ.ଏ./ସ୍ୱ.ପ୍ର.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତ ଅଧୀନ ବରୁହାଁ-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ରୁକୁଟିପୋଟଠାରେ ବିରୂପା ନଦୀରେ ନିର୍ମାଣ ହେବାକୁ ଥିବା ସେତୁକୁ ନେଇ ବିବାଦ ଉପୁଜିଛି। ବୁଧବାର ପୂର୍ତ୍ତ ବିଭାଗ ତରଫରୁ ଏହି ସେତୁର ଶିଳାନ୍ୟାସ ବଡ଼ଚଣା ବିଧାୟକଙ୍କ ଦ୍ୱାରା କରାଯିବା ନେଇ କାର୍ଯ୍ୟକ୍ରମ ରହିଛି। ମାତ୍ର ମଙ୍ଗଳବାର ସେତୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହାର ଶିଳାନ୍ୟାସ କରାଯାଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦର୍ଶାଯାଇଛି ଯେ, ଏହି ସେତୁ ନିର୍ମାଣରେ ବିଧାୟକଙ୍କ ସାମାନ୍ୟତମ ଭୂମିକା ନାହିଁ। ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ରଙ୍କ ଉଦ୍ୟମକ୍ରମେ ଏହି ସେତୁ ନିର୍ମାଣ ହେବାକୁ ଯାଉଛି।


ସେତୁ ନିର୍ମାଣ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶିଳାନ୍ୟାସ କରାଯାଉଛି।

୨୦୧୨ ସିଏଜି ରିପୋର୍ଟ ମୁତାବକ ବାଲିଚନ୍ଦ୍ରପୁର-ବରୁହାଁ ରାସ୍ତାର କେଲୁଅ, ଗେଙ୍ଗୁଟି ଓ ବିରୂପା ନଦୀରେ ୩ଟି ସେତୁ ପାଇଁ ପ୍ରସ୍ତାବ ରହିଥିଲା। ତେବେ ଏହି କାର୍ଯ୍ୟ ସମାପ୍ତ ସମୟରେ ବିରୂପା ସେତୁକୁ ଅଣଦେଖା କରାଯାଇଥିଲା। ଯେହେତୁ ବାଲିଚନ୍ଦ୍ରପୁରଠାରୁ ବରୁହାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା ତେଣୁ ବିରୂପା ନଦୀରେ ସେତୁ ନ ହେଲେ ହୀରକ ତ୍ରିଭୁଜ ଅନ୍ତର୍ଗତ ତିନି ବୌଦ୍ଧବିହାର ଓ ଅନ୍ୟ ଉପକୂଳ ଜିଲାକୁ ଗମନା ଗମନରେ ସମସ୍ୟା ଦେଖାଦେବ। ଫଳରେ ଏହି ପ୍ରକଳ୍ପ ତାର ମୂଳ ଲକ୍ଷ୍ୟରୁ ଦୂରେଇ ଯାଉଥିବା ସିଏଜି ଦର୍ଶାଇଥିଲେ। ସିଏଜିଙ୍କ ରିପୋର୍ଟକୁ ଆଧାର କରି ମହାପାତ୍ର ଏନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ଓ ବହୁ ବିଭାଗୀୟ ଅଧିକାରୀଙ୍କୁ ସାକ୍ଷାତ କରି ଏହି ସ୍ଥାନରେ ସେତୁର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ୨୦୧୮ ଶେଷ ଭାଗକୁ ଏହି ସେତୁ ପାଇଁ ମଞ୍ଜୁରୀ ମିଳିଥିବାବେଳେ ୨୦୨୧ ମସିହାରେ ଏହାର ଟେଣ୍ଡର କରାଯାଇଥିଲା। ଏନେଇ ବଡ଼ଚଣା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋହିତ ବିଶ୍ୱାଳ କହିଛନ୍ତି, ବୁଧବାର ବିଭାଗ ତରଫରୁ ଶିଳାନ୍ୟାସ ଉତ୍ସବ ହେବ।

## ବୌଦ୍ଧରେ ହେବ ରାଜ୍ୟର ୨ୟ ଦୀର୍ଘ ରେଳ ସୁଡ଼ଙ୍ଗ

**ବୌଦ୍ଧ,୨୧।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଜିଲାର ମନମୁଣ୍ଡା ପଟରୁ ବୌଦ୍ଧ ପର୍ଯ୍ୟନ୍ତ ରେଳ ପ୍ରକଳ୍ପର ମାଟି ପକାଇବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ତେବେ ବୌଦ୍ଧରେ ରାଜ୍ୟର ଦ୍ୱିତୀୟ ଦୀର୍ଘତମ ରେଳ ସୁଡ଼ଙ୍ଗ (ଟନେଲ) ହେବ ବୋଲି ଜଣାପଡ଼ିଛି। ଏହି ପ୍ରକଳ୍ପରେ ହରଭଙ୍ଗା ବ୍ଲକରେ ନିର୍ମାଣ ହେବାକୁ ଥିବା ରେଳପଥ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଅନୁମତି ମିଳିବା ନେଇ ସମସ୍ୟା ରହିଥିବା ବେଳେ ପୁରୁଣାକଟକଠାରୁ ଆଡ଼େଣୀଗଡ଼ ମଧ୍ୟରେ ପାହାଡ଼ କାଟି ୧ କିଲୋମିଟର ସୁଡ଼ଙ୍ଗ ନିର୍ମାଣ କରାଯିବ ବୋଲି ଜଣାପଡିଛି। ପୂର୍ବରୁ ଏଠାରେ ସୁଡ଼ଙ୍ଗ ନିର୍ମାଣର ପ୍ରସ୍ତାବ ନ ଥିଲା। କିନ୍ତୁ ପରିବେଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓ ପୂର୍ବତଟ ରେଳୱେ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଏଥିପାଇଁ ନିଷ୍ପତ୍ତି ନିଆଯାଇଛି। ସୁଡ଼ଙ୍ଗ ନିର୍ମାଣ ପାଇଁ ରାଜ୍ୟ ସରକାର ୫୦ ପ୍ରତିଶତ ଖର୍ଚ୍ଚ ବହନ କରିବାକୁ ରେଳୱେକୁ ପତ୍ର ଯୋଗେ ଜଣାଇଛନ୍ତି। ନିକଟରେ ରେଳୱେର ଏକ ଉଚ୍ଚସ୍ତରୀୟ କମିଟି ବୌଦ୍ଧ ଜିଲା ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିଥିଲା। ବିଧାୟକ ପ୍ରଦୀପ କୁମାର ଅମାତ ଓ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ସହ ଏହି କମିଟି ଆଲୋଚନା କରିଥିଲା। ବିଧାୟକ ଅମାତ ରେଳୱେ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ ବୌଦ୍ଧର ମୁଖ୍ୟ ରେଳଷ୍ଟେଶନକୁ ଏକ ମଡେଲ ଷ୍ଟେଶନ ଭାବରେ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିବା ଜଣାଯାଇଛି। ପୂର୍ବରୁ ରାୟଗଡ଼ା-କୋରାପୁଟ ମାର୍ଗରେ ୧୯୬୦ ମିଟର ସୁଡ଼ଙ୍ଗ ନିର୍ମାଣ କରାଯାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଷ୍ଟେଟ ସେଫ୍ଟି କନ୍‌କ୍ଲେଭ, ଦି ନ୍ୟୁ ମାରିଅନ, ପୂର୍ବାହ୍ନ ୧୦ଟା ୩୦। କଳିଙ୍ଗ ସେଫ୍ଟି ଏକ୍ସଲେନ୍ସି ଆୱାର୍ଡ ଉତ୍ସବ, ଦି ନ୍ୟୁ ମାରିଅନ, ସନ୍ଧ୍ୟା ୬ଟା।
- ସଂଯୋଗ ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ, ହୋଟେଲ ଏକ୍ସିଲେନ୍ସି, ଅଶୋକ ନଗର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାମ୍ବାଦିକ ୟୁନିୟନର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସୀ ମହାସଂଘ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ପକ୍ଷରୁ ଧାରଣା, ରାଜଭବନ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- କଳିଙ୍ଗ ଅନ୍‌ଲାଇନ ଅଟୋ ସେବା ଟ୍ରଷ୍ଟର ବାର୍ଷିକ ଦିବସ, ଓ୍ୱିନର ଆସୋସିଏଶନ, ଶହୀଦ ନଗର, ଅପରାହ୍ନ ୫ଟା।
- ସତ୍ୟନଗର ଲେଡିଜ୍ ଫୋରମ ପକ୍ଷରୁ ଶିଶୁ ଅଭିରୁଚି ସମ୍ମାନ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।

**କଟକ**

- ଶୈଳବାଳା ମହିଳା (ସ୍ୱୟଂଶାସିତ) ମହାବିଦ୍ୟାଳୟ ପକ୍ଷରୁ ୨୧ତମ ଶତାବ୍ଦୀରେ ମହିଳା ଆଥଲେଟିଜଙ୍କ ମନୋବିଜ୍ଞାନ ଶୀର୍ଷକ ଜାତୀୟସ୍ତରୀୟ କର୍ମଶାଳା, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଜାତୀୟ ଗଣିତ ଦିବସ ଓ ନାରାୟଣ ପତି ସ୍ମୃତି ସନ୍ଧ୍ୟା, ରାମକୃଷ୍ଣ କୁଟୀର, ବଙ୍ଗାଳି ସାହି, ସନ୍ଧ୍ୟା ୫ଟା ୩୦।
- ଆଇନ ବିଶାରଦ ଭିକାରୀଚରଣ ପଣ୍ଡାଙ୍କ ୯୪ତମ ଜୟନ୍ତୀ, ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୫ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସ୍ୱାରସ୍ୱତ ସାଧକ ପଣ୍ଡିତ ଅନସୂୟା ପ୍ରସାଦ ପାଠକଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

**ପୁରୀ**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ, ମଧୁବନ, ସକାଳ ୯ଟା।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା।
- ଜନ ଶିକ୍ଷାନ ସଂସ୍ଥାନର ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ୟୁଥ ହଷ୍ଟେଲ, ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ଗଣିତ ଦିବସ, ଘୋଡା ବଜାର, ପୂର୍ବାହ୍ନ ୧୧ଟା ୩୦।

# ଆସୁଛି ବଡ଼ଦିନ: ଜମିଲାଣି ବଜାର

**ଆସୁଛି ବଡ଼ଦିନ। ରାଜଧାନୀରେ ଧୀରେ ଧୀରେ ଜମିଲାଣି ସାନ୍ତାକ୍ଲଜ, କ୍ରିସ୍‌ମାସ ଟ୍ରି, ଲାଇଟିଂ ଷ୍ଟାର ଓ ସାଜସଜ୍ଜା ସାମଗ୍ରୀର ବେପାର। ଭଳିକି ଭଳି ସୁସ୍ୱାଦୁ କେକ୍ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବିଭିନ୍ନ ଚର୍ଚ୍ଚକୁ ମଧ ସଜ୍ଜିତ କରାଯାଉଛି। କରୋନା ମହାମାରୀ ଆତଙ୍କ ଭିତରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ପାଇଁ ବଡ଼ଦିନ ପର୍ବ ଖୁସି ଓ ଉତ୍ସାହ ଆଣିଛି। କିପରି ହସଖୁସିରେ ସେମାନେ ଏହି ପର୍ବ ପାଳନ କରିବେ ସେନେଇ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି।**



ଭୁବନେଶ୍ୱର ସତ୍ୟନଗର ରାସ୍ତା ପାର୍ଶ୍ୱରେ ଲୋକେ ବଡ଼ଦିନ ସାମଗ୍ରୀ କିଣୁଛନ୍ତି।

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଭୁବନେଶ୍ୱରର ୟୁନିଟ-୪, ସତ୍ୟନଗର, ନୀଳାଦ୍ରିବିହାର, ଆଚାର୍ଯ୍ୟ ବିହାର, ନୟାପଲ୍ଲୀ, ଖାରବେଳନଗର, ବରମୁଣ୍ଡା ପ୍ରଭୃତି ବିଭିନ୍ନ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ବାପ୍‌ଟିଷ୍ଟ ଓ କ୍ୟାଥୋଲିକ୍ ଚର୍ଚ୍ଚ ରହିଛି। ଏସବୁ ଚର୍ଚ୍ଚଗୁଡ଼ିକରେ ବଡ଼ଦିନ ପ୍ରାର୍ଥନା କାର୍ଯ୍ୟକ୍ରମ ଆୟୋଜନ ଲାଗି ପ୍ରସ୍ତୁତି ଚାଲିଛି। ସେହିପରି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେନିଜଘରସାଜସଜ୍ଜାରେ ଲାଗିପଡ଼ିଛନ୍ତି। ଅନ୍ୟପକ୍ଷରେ ବଜାରରେ ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀର ପସରା ମେଲାଇଛନ୍ତି।

### ଗତ ବର୍ଷ ବେପାର ମାନ୍ଦା ଥିଲା

ସତ୍ୟନଗର ମୁଖ୍ୟରାସ୍ତା ପାର୍ଶ୍ୱରେ ଅଶୋକ କୁମାର ମହାନ୍ତି ସାନ୍ତାକ୍ଲଜ୍, ଲାଇଟିଂ ଷ୍ଟାର, ମ୍ୟୁଜିକ ସାନ୍ତାକ୍ଲଜ, ଖ୍ରୀଷ୍ଟମାସ୍ ଟ୍ରି ପ୍ରଭୃତି ବିଭିନ୍ନ ପ୍ରକାର ସାମଗ୍ରୀର ପସରା ମେଲାଇଛନ୍ତି। ୧୦ ଟଙ୍କାରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ ତାଙ୍କ ପାଖରେ ଉପଲବ୍ଧ। ପ୍ରତିବର୍ଷ ଖ୍ରୀଷ୍ଟମାସରେ ସେ ଗ୍ରାହକଙ୍କ ପାଇଁ ନୂଆ ନୂଆ ସାମଗ୍ରୀ ଆଣିଥାନ୍ତି। ଭଲ ବେପାର ହୁଏ। ମାତ୍ର ଗତ ବର୍ଷ କରୋନା କଟକଣା ଯୋଗୁ ବେପାର ମାନ୍ଦା ଥିଲା। କିନ୍ତୁ ଏବର୍ଷ ଭଲ ବ୍ୟବସାୟ ହେବା ନେଇ ସେ ଆଶାବାଦୀ। ବଡ଼ଦିନ ଯେତେ ପାଖେଇ ଆସୁଛି ବଜାର ସେତେ ଜମୁଛି ବୋଲି ଅଶୋକ କହିଛନ୍ତି।



ସାନ୍ତାକ୍ଲଜଙ୍କୁ ଜଣେ କୁନି ଝିଅ ଦେଖୁଛନ୍ତି।



ବିକ୍ରି ପାଇଁ ରହିଥିବା କ୍ରିସ ମାସ୍ ଟ୍ରି।

### ପୂର୍ବାପେକ୍ଷା ଦାମ୍ ବଢ଼ିଛି

ସତ୍ୟନଗରଠାରେ ଅନ୍ୟ ଜଣେ ବ୍ୟବସାୟୀ ସନ୍ତୋଷ କୁମାର ପୃଷ୍ଟି ଛୋଟ ଉଠାଦୋକାନ ଖୋଲିଛନ୍ତି। ସେ କହିଛନ୍ତି, ପୂର୍ବ ବର୍ଷଠାରୁ ଏ ବର୍ଷ ସାମଗ୍ରୀଗୁଡ଼ିକର ଦାମ୍ ବଢ଼ିଛି। ତେଣୁ ବେପାର ସେତେ ହେଉନାହିଁ। ତଥାପି ଆଗକୁ ଭଲ ବେପାର ହେବ ବୋଲି ଆଶା ବାନ୍ଧିଛି। ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଦୋକାନ ଖୋଲି ଗ୍ରାହକଙ୍କୁ ଚାହିଁବସୁଛି।

### ଆତ୍ମିକ ଆନନ୍ଦ ମିଳିବ

କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଚଳିତ ବର୍ଷ ମଧ ଚର୍ଚ୍ଚରେ ଖ୍ରୀଷ୍ଟମାସ ପାଳନ ହେବ। ଥରକେ ୨୦୦ ଜଣ ଲୋକଙ୍କୁ ନେଇ ୩ରୁ ୪ ଭାଗରେ ଚର୍ଚ୍ଚରେ ପ୍ରାର୍ଥନା କରାଯିବ। ଆଡମ୍ବରପୂର୍ଣ୍ଣ କିମ୍ବା ନାଇଟ୍ ଭିଜିଲ ହେବନାହିଁ, ଯାହାକି ଲୋକଙ୍କୁ କିଛି ମାତ୍ରାରେ ନିରାଶ କରିବ। ସେମାନେ କେବଳ ଆତ୍ମିକ ଆନନ୍ଦର ସୁଯୋଗ ପାଇବେ ବୋଲି ସତ୍ୟନଗରସ୍ଥିତ ସେଣ୍ଟ ଭିନ୍‌ସେଣ୍ଟ୍‌ସ୍ ପ୍ରୋ କାଥେଡ୍ରାଲ ଚର୍ଚ୍ଚର ଫାଦର ଅଜୟ କୁମାର ଶୋଭାସୁନ୍ଦର କହିଛନ୍ତି।

### ଉତ୍ସବ ପାଳନ ବନ୍ଦ ନ ହେଉ

କୋଭିଡ୍ ଆସିବ ବୋଲି ଉତ୍ସବ ପାଳନ ବନ୍ଦ କରିବା ଉଚିତ୍ ନୁହେଁ। ଜୀବନରେ ସବୁ ମୁହୂର୍ତ୍ତକୁ ସ୍ମରଣୀୟ କରିବାର ଅଛି। ଆଡମ୍ବରପୂର୍ଣ୍ଣ ନ ହେଲେ ବି ପରିବାର ସହ ଘରେ ରହି ଖ୍ରୀଷ୍ଟମାସ ପାଳନ କରିବି ବୋଲି ମଞ୍ଚେଶ୍ୱର ଅଧିବାସୀ ବର୍ଣ୍ଣାଶ୍ରୀ ମହାନ୍ତି କହିଛନ୍ତି। ସେ ଘର ସଜାଇବା ଲାଗି ସାମଗ୍ରୀ କିଣିବାକୁ ଦୋକାନକୁ ଆସିଥିବା ପ୍ରକାଶ କରିଥିଲେ।

ରିପୋର୍ଟ-ଶର୍ମିଷ୍ଠା ପାଣିଗ୍ରାହୀ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଲୋକ



@ ଜାଗୃତି



@ ପ୍ରିୟଙ୍କା



@ ଜିତେନ୍ଦ୍ର



@ ସଚିନ



@ ଶୁଭମ

## ନକଲି ସେଲ୍ସ ମ୍ୟାନେଜର ଗିରଫ

### ଡିଲର୍‌ଶିପ୍ କରାଇଦେବାକୁ କହି ୧୭ ଲକ୍ଷ ଠକେଇ

**ଭୁବନେଶ୍ୱର, ୨୧।୧୨(ବ୍ୟୁରୋ):** କୋକାକୋଲା କମ୍ପାନୀରେ ଡିଲର୍‌ଶିପ୍ କରାଇଦେବାକୁ କହି ୪ ଜଣଙ୍କଠାରୁ ୧୭ ଲକ୍ଷ ଟଙ୍କା ଠକିଥିବା ଅଭିଯୋଗରେ ସମ୍ପୃକ୍ତ ନକଲି ସେଲ୍ସ ମ୍ୟାନେଜରଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱର ଆଇଆର୍‌ସି ଭିଲେଜରେ ରହୁଥିବା ଢେଙ୍କାନାଳ ଜିଲା ସଦର ଥାନା ଅଞ୍ଚଳର ବିଶ୍ୱନାଥ ନାଏକ(୪୧)। ସୂଚନା ଅନୁଯାୟୀ, ଜୟଦେବ ବିହାରରେ ରହୁଥିବା ସୌମ୍ୟରଞ୍ଜନ ଖଣ୍ଡେଇ ଓ ତାଙ୍କର ଅନ୍ୟ ୩ ଜଣ ସାଙ୍ଗଙ୍କ ସହ ଅଭିଯୁକ୍ତ ବିଶ୍ୱନାଥଙ୍କର ପରିଚୟ ହୋଇଥିଲା। ସେତେବେଳେ ବିଶ୍ୱନାଥ ନିଜକୁ ଆକାଶ କୁମାର ଦାସ ଓ ଖୋର୍ଦ୍ଧା ବରୁଣେଇରେ ଥିବା କୋକାକୋଲା କମ୍ପାନୀ ପ୍ଲାଣ୍ଟର ସେଲ୍ସ ମ୍ୟାନେଜର ବୋଲି ପରିଚୟ ଦେଇଥିଲେ। ଏଥିସହ ଏକ ଫେକ୍ ଆଇକାର୍ଡ ଦେଖାଇ ସେମାନଙ୍କଠାରୁ କମ୍ପାନୀରେ ଡିଲରଶପ୍ କରାଇଦେବାକୁ କହି ୧୭ ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେଇ ସେ ଫେରାର ହୋଇଯାଇଥିଲେ। ସୌମ୍ୟ ରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୦୨୦ ଡିସେମ୍ବର ୩୧ରେ ଏକ ମାମଲା (ନଂ.୫୨୫/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ଅଭିଯୁକ୍ତ ବିଶ୍ୱନାଥ କ୍ୟାପିଟାଲ ହସ୍ପିଟାଲରେ ଥିବା ଜାଣିବା ପରେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।





୪ ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ସ୍ୱାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ।

## ବନ୍ଧୁକ ଦେଖାଇ ୩ ଲକ୍ଷ ଟଙ୍କାର ଗହଣା ଲୁଟ୍

ନିମାପଡ଼ା,୨୧।୧୨(ଡି.ଏନ୍.ଏ.)

ଚାରିଛକ ଫାଣ୍ଡି ନିକଟ ହାଣ୍ଡିଆପଦା ଛକ ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ଏକ ସୁନାଦୋକାନରୁ ସୋମବାର ରାତିରେ ଲୁଟେରା ଶଟର ଭାଙ୍ଗି ସୁନାଗହଣା ଲୁଟି ନେଇଥିଲେ। ଏପରିକି ଦୋକାନ ପଛରେ ଥିବା ଦୋକାନ ମାଲିକ ନରେନ୍ଦ୍ର ସାହୁଙ୍କ ଘରେ ପଶି ପରିବାର ଲୋକଙ୍କୁ ବନ୍ଧୁକ ଦେଖାଇ ସେମାନେ ପ୍ରାୟ ୩ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଯାଇଥିବା ମଙ୍ଗଳବାର ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନିମାପଡ଼ା ଥାନାରେ ଏକ ମାମଲା (ନଂ.୪୩୫/୨୧) ରୁଜୁ କରି ତଦନ୍ତ ଚଳାଇଛି। ପୁରୀର ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ, ଚାରିଛକ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଶିଶିର କୁମାର ମହାନ୍ତି ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଏପରିକି ପୁରୀରୁ ସାଇଣ୍ଟିଫିକ ଅଫିସର ଏସ୍.ସରନ୍ୟା ସଦଳବଳ ପହଞ୍ଚି ଯାଞ୍ଚ କରିଛନ୍ତି। ଅଭିଯୋଗ ମୁତାବକ, ସୋମବାର ରାତିରେ ନରେନ୍ଦ୍ର ଦୋକାନ ବନ୍ଦ କରି ଘରେ ସମସ୍ତେ ଶୋଇଥିଲେ। ବିଳମ୍ବିତ ରାତିରେ ୫ ଦୁର୍ବୃତ୍ତ ପ୍ରଥମେ ଦୋକାନ ଶଟର ଭାଙ୍ଗି ସୁନା ନେବା ସହ ଦୋକାନରୁ ଘରକୁ ବାଟ ଥିବାରୁ ଘରେ ପଶିଥିଲେ। କିଛି ଶବ୍ଦ ଶୁଣି ପରିବାର ଲୋକ ଉଠିପଡ଼ିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଗୋଟିଏ ଘରେ ରଖି ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଘରେ ଥିବା ସମସ୍ତ ସୁନା ଅଳଙ୍କାର ଓ ନଗଦ ୭ହଜାର ଟଙ୍କା ନେଇଯାଇଥିଲେ। ଦୁର୍ବୃତ୍ତମାନେ ପ୍ରାୟ ୩ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ଦୁର୍ଘଟଣାରେ ଚାଲିଗଲା ୨ ବନ୍ଧୁଙ୍କ ଜୀବନ

### ଅଧା ରହିଗଲା ଜଗନ୍ନାଥ ଦର୍ଶନ

ପୁରୀ ଅଫିସ,୨୧।୧୨

୩ଜଣ ବନ୍ଧୁ ଗୋଟିଏ ବାଇକ୍‌ରେ ସାଙ୍ଗ ହୋଇ ମଙ୍ଗଳବାର ଭୋରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଉଥିଲେ। ହେଲେ ବିଧାତାର ନିୟତି ଥିଲା ଅଲଗା, ଦର୍ଶନ ଅଧା ରହିଗଲା। ମାଳତିପାଟପୁରଠାରେ ଦୁର୍ଘଟଣା ଘଟି ୨ବନ୍ଧୁଙ୍କ ଜୀବନ ଚାଲିଯାଇଛି। ଜଣେ ଗୁରୁତର ଆହତ ହୋଇ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ମୃତ ଯୁବକଦ୍ୱୟ ହେଲେ ପିପିଲି ଥାନା ଅନ୍ତର୍ଗତ ଓରକଳ ଗ୍ରାମର ସିଦ୍ଧାର୍ଥ ଦାସ ଓ ତ୍ରିଲୋଚନ ପ୍ରଧାନ। ଆହତ ଜଣକ ହେଲେ ସେହି ଗ୍ରାମର ପ୍ରଦୀପ ଦାସ(ଗୁଡୁ)। ଏହି ୩ଜଣ କବାଡ଼ି ଖେଳାଳି ଥିଲେ। ଖବରପାଇ ଚନ୍ଦନପୁର ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ଘଟଣାର ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ସିଦ୍ଧାର୍ଥ, ତ୍ରିଲୋଚନ ଓ ଗୁଡୁ ଏକ ବାଇକ୍‌ରେ ମଙ୍ଗଳବାର ଭୋରୁ ପୁରୀ ଯାଉଥିଲେ। ହେଲେ ମାଳତିପାଟପୁରସ୍ଥିତ କାଠପୋଲ ନିକଟ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପାଖରେ ରୋଡ ଡିଭାଇଡର ଦେଇ ଅନ୍ୟପଟ ରାସ୍ତାକୁ ଯାଉଥିବା ସମୟରେ କୌଣସି ଏକ ଅଜଣା ଟ୍ରକ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍ ସହ ୩ଜଣ ତଳେ ପଡ଼ିଯାଇଥିଲେ। ଟ୍ରକଟକ ୨ଜଣଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରଦୀପ ଗୁରୁତର ହୋଇଥିଲେ। ଖବରପାଇ ଚନ୍ଦନପୁର ଥାନା ପୋଲିସ ପହଞ୍ଚି ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିବା ସହ ଅନ୍ୟ ଜଣଙ୍କୁ ଚିକିତ୍ସା କରାଯାଉଛି। ପରେ ମୃତ ଯୁବକଦ୍ୱୟଙ୍କ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ସୂଚନାଯୋଗ୍ୟ, ମାଳତିପାଟପୁର କାଠ ପୋଲ ନିକଟ ବ୍ରିଜ୍‌ଟି ସୁରକ୍ଷିତ ନ ଥିବାରୁ ମରାମତି ଲାଗି ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାକୁ ଦୀର୍ଘଦିନ ହେବ ଅବରୋଧ କରାଯାଇଛି। ଫଳରେ ଗୋଟିଏ ରାସ୍ତା ଦେଇ ଯାନବାହନ ଚଳାଚଳ କରୁଛି। ସେଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି।

## ରାଜ୍ୟସ୍ତରୀୟ କବି, ଲେଖକ ସମ୍ମିଳନୀ

ପୁରୀ ଅଫିସ, ୨୧।୧୨

ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ଚତୁର୍ଦ୍ଦଶତମ ରାଜ୍ୟସ୍ତରୀୟ କବି ଲେଖକ ସମ୍ମିଳନୀ ମଙ୍ଗଳବାର ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପଦ୍ମଚରଣ ଖୁଣ୍ଟିଆଙ୍କ ଅଧକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବି ସଦାଶିବ ମିଶ୍ର, କବୟିତ୍ରୀ ମଞ୍ଜୁଲତା ମିଶ୍ର, ହରପ୍ରିୟା ସାହୁ, ଡ. ସୁଚିତ୍ରା ରଥ ଓ ମନୋରମା ଆଚାର୍ଯ୍ୟଙ୍କ ସଂଯୋଜନାରେ ୪୦ଜଣ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷକ ଲେଖକ ସାରଙ୍ଗଧର ରାୟଗୁରୁ, ସୁଲେଖାର ସଦାଶିବ ମିଶ୍ର, ହରିହର ମିଶ୍ର, ହରେକୃଷ୍ଣ ପ୍ରଧାନୀ ଏବଂ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ।

### ହେମନ୍ତ, ନିର୍ମଳାଙ୍କୁ ଯୁଗଳବନ୍ଦୀ ସମ୍ମାନ

ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଡ. ହେମନ୍ତ ଛୋଟରାୟ ଏବଂ ଧର୍ମପତ୍ନୀ ନିର୍ମଳା ଫତେସିଂଙ୍କୁ ଯୁଗଳବନ୍ଦୀ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ପ୍ରାଧ୍ୟାପକ ସୌମେନ୍ଦ୍ର ମୁଦୁଲି, କବି ଦାମୋଦର ମହାନ୍ତି, ଲକ୍ଷ୍ମୀ ନାରାୟଣ ସେନାପତି, ବେଣୁଧର ସୂତାର, ପୌର୍ଣ୍ଣମାସୀ ଦେବୀ, ପୀତାମ୍ବର ମହାପାତ୍ର ଏବଂ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଡ. ସୁଚିତ୍ରା ରଥ, ଶ୍ୟାମ ପ୍ରକାଶ ସେନାପତି ଏବଂ କବି ସୁରେଶ ପଟ୍ଟନାୟକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। କବି ଉମାକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।





ମାଲକାନଗିରିରେ ୫ ଖବରଦାତାଙ୍କୁ ଗିରଫ କରାଯିବା ପ୍ରତିବାଦରେ ଭୁବନେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ମଙ୍ଗଳବାର ସୂଚନା ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।





କେରଳ ଭାଜପା ଓବିସି ମୋର୍ଚ୍ଚା ସମ୍ପାଦକଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତମାନଙ୍କୁ ଦଣ୍ଡ ଦାବିରେ ମଙ୍ଗଳବାର ଓଡ଼ିଶା ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ରାମମନ୍ଦିର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।





ପୁରୀ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ମଙ୍ଗଳବାର ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦର ଚତୁର୍ଦ୍ଦଶତମ ରାଜ୍ୟସ୍ତରୀୟ କବି ଲେଖକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

**ଆଜାଦିକା ଅମୃତ ମହୋତ୍ସବ**

ବାଙ୍କୀ, (ସ୍ୱ.ପ୍ର.): ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ କୁସୁଦା ହାଇସ୍କୁଲ ପ୍ରାଙ୍ଗଣରେ ଆଜାଦିକା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଡିଏଫଓ ପୂର୍ଣ୍ଣିମା ପାଣ୍ଡିୟାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଖୋର୍ଦ୍ଧା ଏସସିଏଫ ଅସିତ୍ ମିଶ୍ର, ରେଞ୍ଜର ଶରତ ଜାନି, ଡମପଡ଼ା ରେଞ୍ଜର ଅଶୋକ ଦାଶ ଅତିଥିଭାବେ ଯୋଗଦେଇଥିଲେ। କଟକ ଜିଲା ଅବୈତନିକ ତତ୍ତ୍ୱାବଧାରକ ସୁରେଶ ଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ରଜତ ତ୍ରିପାଠୀ, ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ସାହୁଙ୍କ ସମେତ ସନ୍ତୋଷ ରାଉତ, ଗୁରୁପ୍ରସାଦ ରଣା, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖସୁଛି ପାରଦ, ବଢୁଛି ଶୀତବସ୍ତ୍ରର ଚାହିଦା

■ସନ୍ଧ୍ୟାରେ ଦୋକାନ ଗହଳି

■ସ୍ୱେଟର, ଗ୍ଲୋବ, ମୋଜାର ଚାହିଦା ବେଶି

ଭୁବନେଶ୍ୱର,୨୧।୧୨

ସାରା ଓଡ଼ିଶାକୁ ଥରାଉଛି ହାଡ଼ଭଙ୍ଗା ଶୀତ। ବଢୁଛି ଜାଡ଼ ଖସୁଛି ପାରଦ। ଦିନରେ ଘରୁ ବାହାରିବା ହେଲାଣି ମୁସ୍କିଲ। ଗତ କିଛିଦିନ ହେଲା ଶୀତର ପ୍ରକୋପ ବଢିବାରେ ଲାଗିଛି। ପାରଦ ତଳମୁହାଁ ହୋଇ ରାଜ୍ୟର ୧୯ ଜିଲାରେ ୧୦ ଡିଗ୍ରୀ ସେଲ୍‌ସିୟସକୁ ହ୍ରାସ ପାଇଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସମାନ ଅବସ୍ଥା। ଥଣ୍ଡା ଅଧିକ ହେଉଥିବାରୁ ଶୀତ ବସ୍ତ୍ର ଦୋକାନ ବଜାରରେ ଏବେ ଭିଡ଼ ଜମିଲାଣି । ରାଜଧାନୀ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ମା' କୋଟିଲେଇ ହାଟ, ଶହୀଦନଗର, ୟୁନିଟ୍-୧ ଏବଂ ଅନ୍ୟାନ୍ୟ ଶୀତ ବସ୍ତ୍ରର ବଜାରରେ ବିଶେଷଭାବେ ଭିଡ଼ ଦେଖିବାକୁ ମିଳୁଛି। ଲୋକଙ୍କ ମଧ୍ୟରେ ଶୀତ ବସ୍ତ୍ରର ଚାହିଦାକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।



ଏକ ଶୀତବସ୍ତ୍ର ଦୋକାନରେ ଗ୍ରାହକଙ୍କ ଭିଡ଼।

## ବଢିଛି ଶୀତବସ୍ତ୍ରର ଚାହିଦା

" ଛୋଟ ପିଲା ଓ ବଡ଼ଙ୍କ ପାଇଁ ବିଭିନ୍ନ ପ୍ରକାର ଶୀତବସ୍ତ୍ର ପସରା ମେଲାଇ ଶହୀଦନଗରରେ ବସିଛନ୍ତି ବିରଞ୍ଚି ରାଉତ। ପୂର୍ବ ବର୍ଷ ଅପେକ୍ଷା ଏ ବର୍ଷ କିପରି ବେପାର ରହିଛି ପଚାରିବାରୁ କହିଲେ, ୨ବର୍ଷ ହେଲାଣି ଶୀତ ନ ଥିଲା। ଏବର୍ଷ ଥଣ୍ଡା ଟିକେ ଅଧିକ ପଡିଥିବାରୁ ଶୀତ ବସ୍ତ୍ରର ଚାହିଦା ଅଧିକ ରହିଛି। ତେବେ ବିଶେଷ କିଛି ନୂଆ ଭେରାଇଟିର ବସ୍ତ୍ର ମାର୍କେଟକୁ ଆସିନାହିଁ। ପୂର୍ବ ବର୍ଷ ଭଳି କୁନି ପିଲାଙ୍କ ପାଇଁ ବିଭିନ୍ନ କାର୍ଟୁନ୍‌ର ମଙ୍କି କ୍ୟାପ, ହେଡ୍ ସ୍କାର୍ଫ, ଇୟର୍ ସ୍କାର୍ଫ, ମୋଜା, ଗ୍ଲୋବ, ମାସ୍କ ସହ ଇୟର୍ ସ୍କାର୍ଫ, ଶୀତ ଦିନିଆ ଜୋତା ଆଦି ରହିଛି। ସକାଳ ୯ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦୋକାନ ଖୋଲିକି ବସୁଛି। ଦିନ ବେଳା ଅଳ୍ପ ସଂଖ୍ୟକ ଲୋକ ଆସୁଥିବାବେଳେ ସନ୍ଧ୍ୟା ସମୟରେ ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ପାଉଛି।



## ଦିନରେ ଶୀତବସ୍ତ୍ରର ଆବଶ୍ୟକ ପଡୁଛି

" ୨ ପିଲାଙ୍କୁ ସାଙ୍ଗରେ ଧରି ପିଲାଙ୍କ ମନ ପସନ୍ଦର ଶୀତ ବସ୍ତ୍ର କିଣିବାକୁ ଆସିଛନ୍ତି ସ୍ଥାନୀୟ ବାସିନ୍ଦା ନୂତନ ମହାପାତ୍ର। କେଉଁ ଶୀତ ବସ୍ତ୍ର କିଣିବାକୁ ଆସିଛନ୍ତି ବୋଲି ପଚାରିବାରେ ସେ କହିଲେ, ପିଲାଙ୍କ ବୟସ ବଢିବା ସାଙ୍ଗକୁ ସେମାନଙ୍କ ଉଚ୍ଚତା ମଧ୍ୟ ବଢୁଛି। ୨ ବର୍ଷ ପୂର୍ବରୁ ଯାହା ଶୀତ ବସ୍ତ୍ର କିଣିଥିଲି ସେସବୁ ଛୋଟ ହୋଇଗଲାଣି। ଏବର୍ଷ ହଠାତ୍ ଶୀତ ଏତେ ବଢି ଯାଇଛି ଯେ ପିଲାମାନେ ମଧ୍ୟ ଦିନରେ ସ୍ୱେଟର ପିନ୍ଧି ବାହାରକୁ ବାହାରୁଛନ୍ତି। ସେମାନଙ୍କ ପାଇଁ ହେଡ୍ ସ୍କାର୍ଫ, ଗ୍ଲୋବ୍ସ କିଣିବାକୁ ଆସିଛି। କିଛି ଦିନ ତଳେ ନିଜ ପାଇଁ ଗୋଟେ ସ୍ୱେଟର ମଧ୍ୟ ନେଇଥିଲି। ତା'ର ଉଲ୍ ବହୁତ ଭଲ ପଡିଥିଲା।



## ପୂର୍ବାପେକ୍ଷା ବିକ୍ରି ବଢ଼ିଛି

" ଗଦା ଗଦା କମ୍ବଳ ଓ ସାଲ ସହ ୧ ନଂ ମାର୍କେଟ୍‌ରେ ପସରା ମେଲାଇ ବସିଛନ୍ତି ଅନୀଲ ସାହୁ। କମ୍ବଳ ଓ ସାଲ୍‌ର ବିକ୍ରି କିପରି ରହିଛି ପଚାରିବାରେ କରୋନା ପାଇଁ ୨ ବର୍ଷ ହେଲା ଶୀତ ବସ୍ତ୍ର ବେପାରରେ ମାନ୍ଦାବସ୍ଥା ଥିଲା। ବେପାର ନ ହେଉଥିଲେ ମଧ୍ୟ ଦୋକାନ ଖୋଲିବାକୁ ପଡୁଥିଲା। ଏବର୍ଷ କିଛି ଦିନ ହେବ ଶୀତ ବଢିବାରୁ ଗ୍ରାହକଙ୍କ ସଂଖ୍ୟା ଟିକେ ବଢିଛି। ଆଗରୁ ଦିନକୁ ୨/୪ଟା ବିକ୍ରି ହେଉଥିଲା। ହେଲେ ଏବେ ଦିନକୁ ୧୦/୧୨ଟି କମ୍ବଳ ବିକ୍ରି ହେଉଥିବାବେଳେ ୭/୮ଟି ସାଲ୍ ମଧ୍ୟ ଭଲ ବିକ୍ରି ହେଉଛି। ପୂର୍ବ ଦୁଇ ବର୍ଷ ଅପେକ୍ଷା ଚଳିତ ଥଣ୍ଡାରେ ବେପାରରେ କିଛିଟା ଉନ୍ନତି ଘଟିଛି ବୋଲି ଅନୀଲ କହିଛନ୍ତି।

**-ରିପୋର୍ଟ: ରୋଜାଲିନ୍ ସାହୁ**

## ବସ୍ତ୍ରର ଦରଦାମ

ଟୋପିର ମୂଲ୍ୟ ୧୨୦ରୁ ୩୦୦ଟଙ୍କା, ଗ୍ଲୋବ ୫୦ରୁ ୨୦୦ ଟଙ୍କା, ବିଭିନ୍ନ ପ୍ରକାର ହେଡ୍ ସ୍କାର୍ଫ ୫୦ରୁ ୨୫୦ଟଙ୍କା, ବିଭିନ୍ନ ପ୍ରକାରର କ୍ୟାପକୁ ନେଇ ଦାମ ୧୦୦ରୁ ୫୦୦ ଟଙ୍କା, ଶୀତଦିନିଆ ଜୋତା ୧୨୦ରୁ ୨୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସାଲ୍ ୫୦୦ରୁ ୪୦୦୦ଟଙ୍କା, ହାତ ବୁଣା ସ୍ୱେଟର ୬୦୦ରୁ ୨୫୦୦ ଟଙ୍କା, ଲେଦର ଜ୍ୟାକେଟ୍‌ର ମୂଲ୍ୟ ୧୫୦୦ରୁ ୧୦,୦୦୦ଟଙ୍କା, ଛୋଟ ପିଲାଙ୍କ ଜ୍ୟାକେଟ୍ ୪୦୦ରୁ ୧୬୦୦ ଟଙ୍କା, ଶୀତ ଦିନିଆ ଜୋତା ୩୦୦ରୁ ୮୦୦ ଟଙ୍କା ମଧ୍ୟରେ ରହିଛି। ସେହିପରି ନନ୍ ବ୍ରାଣ୍ଡେଡ୍ ବ୍ଲାଙ୍କେଟ୍ ୫୦୦ରୁ ୨୫୦୦ ଟଙ୍କା, ବ୍ରାଣ୍ଡେଡ୍ ବ୍ଲାଙ୍କେଟ୍ ୩୦୦୦ରୁ ୫୦୦୦ ଟଙ୍କା ରହିଛି।

## ସଂକ୍ଷେପରେ

### ସିଲେଇ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କଣ୍ଟାପଡା, ୨୧।୧୨(ଡି.ଏନ୍.ଏ.):** ନେହେରୁ ଯୁବକେନ୍ଦ୍ର ଓ ସାମାଜିକ ସଙ୍ଗଠନ ଉଦୟଭାନୁର ମିଳିତ ସହଯୋଗରେ କଣ୍ଟାପଡା ବ୍ଲକ ଅଧୀନ ଭୋଦଳ ଗ୍ରାମରେ ସିଲେଇ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅବସରପ୍ରାପ୍ତ ଶିକ୍ଷକ ଭ୍ରମରବର ପ୍ରଧାନ ଉଦଘାଟନ କରିଥିବାବେଳେ ସଙ୍ଗଠନର ସାଧାରଣ ସମ୍ପାଦକ ମାଧବାନନ୍ଦ ଭୋଇ ଅତିଥିବ ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅତିଥି ଭାବେ ଅଭିମନ୍ୟୁ ମଲ୍ଲିକ ଯୋଗଦେଇ କହିଥିଲେ, ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଯୁବତୀମାନେ ସିଲେଇ ଶିକ୍ଷା ଗ୍ରହଣ କରି ସ୍ୱାବଲମ୍ବୀ ହୋଇପାରିବେ। ଜ୍ୟୋତ୍ସ୍ନା ସେଠୀ, ଦୂର୍ଗାମବତୀ ବେହେରା, ବିଜୟଲକ୍ଷ୍ମୀ ସେଠୀ ଶିବିରର ନିୟମାବଳୀ ସମ୍ପର୍କରେ କହିଥିଲେ। ସୋନାଲୀ ବେହେରା, ଜ୍ୟୋତିରଞ୍ଜନ ଭୋଇ, ଲକ୍ଷ୍ମୀପ୍ରିୟା ଭୋଇ ଶିବିର ପରିଚାଳନା କରିଥିଲେ।

### ଫିଜିଓଥେରାପି ଶିବିର ଉଦ୍‌ଯାପିତ

**ବାଲିଅନ୍ତା,୨୧।୧୨(ଡି.ଏନ୍.ଏ.):** ଭୁବନେଶ୍ୱରର ଜିଜିପି କଲୋନୀ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ୩ଦିନ ଧରି ଚାଲିଥିବା ନିଃଶୁଳ୍କ ଫିଜିଓଥେରାପି ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଶିବିରକୁ ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ଶିବିରରେ ଉଦ୍‌ଯାପନୀ ଦିବସରେ ବିଜେଡି ନେତା ସୁବାସଚନ୍ଦ୍ର ପାତ୍ର, ପୂର୍ବତନ କର୍ପୋରେଟର ସଞ୍ଜୟ କୁମାର ବଳିୟାର ସିଂହ ଓ ଯୁବନେତା ବିକାଶ ତରାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ବୈଷ୍ଣବ ଦେବୀ ଫିଜିଓଥେରାପି ସେଣ୍ଟରର ୮ଜଣିଆ ଟିମ୍ ଦ୍ୱାରା ହାଡ଼ ଓ ସ୍ନାୟୁର ଆଶୁ ଉପଶମ ଓ ଚିକିତ୍ସା କରାଯାଇଥିଲା। ଏହି ୩ଦିନରେ ୧୨୦ ବ୍ୟକ୍ତି ଚିକିତ୍ସିତ ହୋଇଥିଲେ।

### ୱାର୍ଡବାସୀଙ୍କ ସମସ୍ୟା ବୁଝିଲେ ବିଧାୟକ

**କଟକ ଅଫିସ,୨୧।୧୨:** ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ମଙ୍ଗଳବାର କଟକ ମହାନଗର ନିଗମ ଅନ୍ତର୍ଗତ ୩୩ ନମ୍ବର ୱାର୍ଡ ପରିଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ମୁରବି ଓ ବରିଷ୍ଠ ନାଗରିକମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିଥିଲେ। ବିଭାଗୀୟ ଅଧିକାରୀମାନଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରି ଖୁବ୍‌ଶୀଘ୍ର ପଦକ୍ଷେପ ନେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନବେଳେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ନମିତା ମଞ୍ଜରୀ ସାହୁ, ଉପସ୍ଥିତ ଥିଲେ ।

### ତାଲିମ ଶିବିର ଉଦ୍‌ଯାପିତ

**ବାଙ୍କୀ,୨୧।୧୨(ସ୍ୱ.ପ୍ର.):** ଡମପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚାଲିଥିବା ମିଶନ ଶକ୍ତିର ୨ ଦିନିଆ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ସ୍ୱୟଂସହାୟକ ଗୋଷ୍ଠୀ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ତାଲିମ ଦିଆଯାଇଥିଲା। ଶିବିରକୁ ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ଅଧିକାରିଣୀ ହରପ୍ରିୟା ସାହୁ ଓ ସହାୟିକା ସୁଜାତା ମହାପାତ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀର ନେତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଏଥିରେ ଲିଲି ବେହେରା, ଫୁଲରାଣୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ପାରିବାରିକ ହିଂସାକୁ ପ୍ରତିରୋଧ କରନ୍ତୁ ମହିଳା

କଟକ ଅଫିସ, ୨୧।୧୨

ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ 'ପାରିବାରିକ ହିଂସାର ନିରୋଧ' ସମ୍ପର୍କିତ ଆଲୋଚନାଚକ୍ର ସେଲ୍‌ଟର ଛକ ଇଦ୍‌ଗା ପଡ଼ିଆସ୍ଥିତ ଏକ ବସ୍ତିରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନେ ସଚେତନ ରହି ପରିବାରରେ ନିଜ ପ୍ରତି ହେଉଥିବା ହିଂସାକୁ ପ୍ରତିରୋଧ କରିବାକୁ ପରାମର୍ଶ ଦେଇଥିଲେ । ସଂଘ ସମ୍ପାଦିକା ଆଭା କାନୁନ୍‌ଗୋଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଂଘର ପରିବାର ପରାମର୍ଶ କେନ୍ଦ୍ରର ମୁଖ୍ୟ ପରାମର୍ଶଦାତ୍ରୀ ସରୋଜିନୀ ଓଝା, ସଙ୍ଗଠନ ସମ୍ପାଦିକା ମୀରା ବେଉରା, ମଞ୍ଜୁ ସିଂ, ଅମ୍ବିକାରାଣୀ ପଲାଇ ଓ ଜ୍ୟୋର୍ତିମୟୀ ନନ୍ଦୀ ପ୍ରମୁଖ ଯୋଗଦେଇଥିଲେ। ଇନ୍ଦିରା ଅରୋରା ଧନ୍ୟବାଦ ଦେଇଥିଲେ।

## ଜାନୁୟାରୀ ୧୨ରୁ କଳିଙ୍ଗ ପୁସ୍ତକ ମେଳା

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

୨୪ତମ କଳିଙ୍ଗ ପୁସ୍ତକ ମେଳା ଆସନ୍ତା ଜାନୁୟାରୀ ୧୨ତାରିଖରୁ ଆରମ୍ଭ ହେବ। ୧୮ ତାରିଖ ପର୍ଯ୍ୟନ୍ତ ସୂଚନାଭବନରେ ଏହି ପୁସ୍ତକ ମେଳା କରୋନା କଟକଣା ମଧ୍ୟରେ ଆୟୋଜନ କରାଯିବ। ତେବେ ଚଳିତ ବର୍ଷ ପ୍ରଦର୍ଶନୀ ପଡ଼ିଆରେ ପୁସ୍ତକ ବିକ୍ରିର ପସରା ଦେଖିବାକୁ ମିଳିବ ନାହିଁ। ସାହିତ୍ୟ ଆଲୋଚନା ତଥା ଆଲୋକପାତ ପର୍ବ ଭର୍ଚୁଆଲ ମାଧ୍ୟମରେ ହେବ। ସାହିତ୍ୟ ନିମନ୍ତେ ପୁସ୍ତକ ଚୟନ ସହ ପ୍ରତିଷ୍ଠାତା ପୂର୍ଣ୍ଣେନ୍ଦୁ ମିଶ୍ରଙ୍କ ନାମରେ ପୁରସ୍କାର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପୁସ୍ତକ ମେଳାରେ ଅଂଶଗ୍ରହଣ ପାଇଁ ଇଚ୍ଛୁକ ପ୍ରକାଶକ, ପ୍ରକାଶନୀ ସଂସ୍ଥା ତଥା ଲେଖକ ଲେଖିକା ନିଜର ନିର୍ବାଚିତ ପୁସ୍ତକ ଦେବାକୁ ଆହ୍ୱାନ କରାଯାଇଛି। ଶିଶୁ ସାହିତ୍ୟ, ଉପନ୍ୟାସ, କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ, ନାଟକ, ଧର୍ମ ଓ ବ୍ୟଙ୍ଗ ଏହିପରି ୮ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ।

## ରାଜ୍ୟପାଳଙ୍କ ଦ୍ୱାରା 'ଜୈନ ଦର୍ଶନ : ମନନ ଓ ମୀମାଂସା' ଲୋକାର୍ପିତ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ଭାରତୀୟ ଚିନ୍ତନ, ମନନ, ଦର୍ଶନ ଓ ଜୀବନଶୈଳୀରେ ଜୈନ ଦର୍ଶନର ବିଶେଷ ପ୍ରଭାବ ରହିଛି। ଆଚାର୍ଯ୍ୟ ମହାପ୍ରଜ୍ଞ ବିଶ୍ୱର ଜଣେ ପ୍ରଖ୍ୟାତ ଦାର୍ଶନିକ ଏବଂ ଜୈନ ଦର୍ଶନର ବାଖ୍ୟାକାର। ସେ ସାମ୍ପ୍ରତିକ ଜୀବନଚର୍ଯ୍ୟାକୁ ପରିଚ୍ଛନ୍ନ ଓ ପରିପୁଷ୍ଟ କରିବା ପାଇଁ ଯେଉଁ ବିଚାରଧାରା ପ୍ରସ୍ତୁତ କରିଛନ୍ତି ତାହା ସମସ୍ତଙ୍କର କାମ୍ୟ। ମଙ୍ଗଳବାର ରାଜଭବନରେ ଆଚାର୍ଯ୍ୟ ମହାପ୍ରଜ୍ଞଙ୍କ 'ଜୈନ ଦର୍ଶନ: ମନନ ଓ ମୀମାଂସା' ଅନୁବାଦ ପୁସ୍ତକ ଲୋକାର୍ପଣ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଭଳି ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଅସ୍ତିତ୍ୱ ଓ ଆକାଂକ୍ଷା ମଧ୍ୟରେ ଦୋଳାୟମାନ ମଣିଷ ପାଇଁ ଜୈନ ଦର୍ଶନରେ ସୁଗମ ମାର୍ଗ ରହିଛି। ଏହି ପୁସ୍ତକର ଅନୁବାଦକ ତୁଳସୀ ଜୈନ ପୁସ୍ତକ ଅନୁବାଦର ପୃଷ୍ଠଭୂମି ଓ ପ୍ରେରଣା ସମ୍ପର୍କରେ ସୂଚନା ଦେଇଥିଲେ। ଲେଖକ ଶଶୀଭୂଷଣ ରଥ ଗ୍ରନ୍ଥ ସମୀକ୍ଷା କରି ଏହା ଆଧାତ୍ମିକ ସାହିତ୍ୟକୁ ବିଶେଷ ପରିପୁଷ୍ଟ କରିବ ବୋଲି କହିଥିଲେ। ସ୍ମିତା ମହେନ୍ଦ୍ର, ସୁବ୍ରତ, ଜୟକୁମାର ଆଚାର୍ଯ୍ୟ ପ୍ରମୁଖ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ।



କଟକ ଆଲିସା ବଜାର ଅଞ୍ଚଳରେ ମଙ୍ଗଳବାର ମହିଳାମାନେ ବାଟଓଷା ପୂଜା କରୁଛନ୍ତି।

## ରେଭେନ୍‌ଶା ଜମିରେ ପରିବା ବଜାର ନ ହେଉ

କଟକ ଅଫିସ, ୨୧।୧୨

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୪ ଏକର ଜମିରେ ସରକାର ପରିବା ବଜାର ପାଇଁ ଯୋଜନା କରିଛନ୍ତି। ଏହାକୁ ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ ବିରୋଧ କରାଯାଇଛି। ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଏ ସମ୍ପର୍କିତ ଏକ ସ୍ମାରକପତ୍ର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ ଜରିଆରେ ଦିଆଯାଇଛି। ସଙ୍ଗଠନ ସଭାପତି ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି, ଐତିହାସିକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ପରିଚୟ ରହିଛି। ହେଲେ ଏହାକୁ ବ୍ୟବସାୟିକ ଅନୁଷ୍ଠାନରେ ପରିଣତ କରିବାକୁ ପଦକ୍ଷେପ ନିଆଯାଉଛି । ଏପରି କି ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉନାହିଁ। ଏପରିସ୍ଥଳେ ବିଶ୍ୱବିଦ୍ୟାଳୟ ଜମିରେ ପରିବା ବଜାର କରିବା ଦୁଃଖର ବିଷୟ। ଏଣୁ ଏହି ଜମିରେ ବିଶ୍ୱବିଦ୍ୟାଳୟର ହଷ୍ଟେଲ କର୍ମଚାରୀ ଓ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ କରିବାକୁ ମହାନ୍ତି ଦାବି କରିଛନ୍ତି। ସଙ୍ଗଠନ ସଭାପତି ମହାନ୍ତିଙ୍କ ନେତୃତ୍ୱରେ ସତ୍ୟ ରାୟ, ପ୍ରଶାନ୍ତ ଦାସ, ସି.ଭି. ଶାସ୍ତ୍ରୀ, ଲକ୍ଷ୍ମୀ ମହାନ୍ତି, ସୁକାନ୍ତ ନାୟକ, ଏନମୁଲ ହକ, ଗୀତା ଦାସ, କୁମାରେନ୍ଦ୍ର ମହାନ୍ତି, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକଙ୍କ ସହ ଅନ୍ୟମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ୧୦୨ କେଜି ଗଞ୍ଜେଇ ଜବତ: ୨ ଗିରଫ

ଭୁବନେଶ୍ୱର, ୨୧।୧୨(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ପୋଲିସ ୨ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଲକ୍ଷ୍ମୀସାଗର ଥାନା ଅଧୀନ ଜଗନ୍ନାଥନଗର ଲେନ୍-୧ରେ ରହୁଥିବା କନ୍ଧମାଳ ଜିଲା କୋଟଗଡ଼ ଅଞ୍ଚଳର ହିମାଂଶୁ ବଳିଆର୍ ସିଂ(୩୨) ଓ ତମାଣ୍ଡୋ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ରହୁଥିବା କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ଅଞ୍ଚଳର ପରମେଶ୍ୱର ପ୍ରଧାନ(୨୩)। ଉଭୟଙ୍କଠାରୁ ୧୦ ଲକ୍ଷ ଟଙ୍କାର ୧୦୨ କେଜି ୭୪୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଏକ ସ୍କୁଟି ସହ ୨ଟି ମୋବାଇଲ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ ବୋଲି ପୋଲିସ କହିଛି। ଏନେଇ ଅଧିକ ତଦନ୍ତ ଚାଲୁଥିବା ଲକ୍ଷ୍ମୀସାଗର ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି କହିଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ଶନି ମନ୍ଦିର ନିକଟରେ ଦୁଇଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି ଯାଉଥିଲେ। ଏହି ସମୟରେ ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ପୋଲିସ ଉଭୟଙ୍କ ନାମରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୪୦୬/୨୧) ରୁଜୁ କରିଛି।

## ମ୍ୟୁଜିକ୍ ସର୍କଲରେ ଶୀତୁଆ ସନ୍ଧ୍ୟା

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ରବୀନ୍ଦ୍ର ମଣ୍ଡଠାରେ ମଙ୍ଗଳବାର ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ଅନୁଷ୍ଠିତ ହୋଇଛି। ତବଲା ବାଦକ ବାସୁଦେବ ସ୍ୱାଇଁ ଓ ସଙ୍ଗୀତଜ୍ଞ ସୁମନ୍ତ ମହାରଣାଙ୍କ ଦ୍ୱାରା ଆୟୋଜିତ ଶୀତୁଆ ସନ୍ଧ୍ୟା ବେଶ୍ ଭାବପୂର୍ଣ୍ଣ ହୋଇ ଉଠିଥିଲା। ସ୍ୱାଇଁ ଏକକ ତବଲା ବାଦନ କରିଥିଲେ। ହାରମୋନିୟମରେ ମୁରଲିଧର ସ୍ୱାଇଁ ତାଙ୍କ ସହ ସାଥ୍ ଦେଇଥିଲେ। ସ୍ୱାଇଁ, ଗୁରୁ ସମିର ରଞ୍ଜନ ଦାସ ଓ ପଣ୍ଡିତ ଉମେଶ ଚନ୍ଦ୍ର କରଙ୍କଠାରୁ ତବଲା ବଜାଇବା ଶିଖିଥିଲେ। ରାଜ୍ୟ ସହ ବିଭିନ୍ନ ଦେଶରେ ତବଲା ବଜାଇ ଅନେକ ନାମ କମାଇଛନ୍ତି। ବର୍ତ୍ତମାନ ସେ ଅଲ୍ ଇଣ୍ଡିଆ ରେଡିଓ ଏବଂ ଦୂରଦର୍ଶନରେ ବି ଗ୍ରେଡ୍‌ର ତବଲା ବାଦକ ଭାବେ କାମ କରୁଛନ୍ତି। ଏହା ବ୍ୟତୀତ ଢୋଲକ ଓ ପଖୱାଜ୍‌ରେ ରୁଚି ରଖିଛନ୍ତି। ସନ୍ଧ୍ୟାର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ସଙ୍ଗୀତଜ୍ଞ ସୁମନ୍ତ ମହାରଣା। ସେ ଏକକ ହିନ୍ଦୁସ୍ଥାନୀ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସହ ତାଳ ଦେଇ ତବଲା ବାଦକ ସୁଶାନ୍ତ କୁମାର ଜେନା ଓ ହାରମୋନିୟମ ଚାଳକ ଶଶୀକାନ୍ତ ସାହୁ ସହଯୋଗ କରିଥିଲେ। ଗୁରୁଶ୍ରୀ ଚନ୍ଦନ କୁମାର ଜେନା, ପ୍ରଣୟ କୁମାର ପଲେଇ, ଗୁରୁମା ରଞ୍ଜିତା ସେନାପତି, ଇତିଶ୍ରୀ ସାହୁ, କରୁଣାକର ନାୟକ, ଆଶାମୁକୁଳ ବାରିକ ଆଦି ବ୍ୟକ୍ତି ବିଶେଷଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ମଙ୍ଗଳବାର ସାପ୍ତାହିକ ଖବରକାଗଜ 'ଅଭିନନ୍ଦନ'ର ୧୩ତମ ସ୍ୱନକ୍ଷତ୍ର ଉତ୍ସବରେ ମଞ୍ଚାସୀନ ଅତିଥି।




ଭୁବନେଶ୍ୱର ସୂଚନାଭବନରେ ସ୍ୱରତୀର୍ଥ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଆୟୋଜିତ ଅନୁରାଗ ଅନନ୍ୟ ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟ ସଙ୍ଗୀତ ପରିବେଷଣ କରୁଛନ୍ତି।



ରାଜଭବନରେ ମଙ୍ଗଳବାର ଆଚାର୍ଯ୍ୟ ମହାପ୍ରଜ୍ଞଙ୍କ 'ଜୈନ ଦର୍ଶନ: ମନନ ଓ ମୀମାଂସା' ଅନୁବାଦ ପୁସ୍ତକକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥି ଲୋକାର୍ପଣ କରୁଛନ୍ତି।

# ଓଏସ୍‌ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶିକାଙ୍କ ପୁରୀ ଗସ୍ତ

■ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯାଞ୍ଚ
■ ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା

ପୁରୀ ଅଫିସ/ସାକ୍ଷୀଗୋପାଳ, ୨୧।୧୨(ସ୍ୱ.ପ୍ର.):

ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ଲିମିଟେଡ୍(ଓଏସ୍‌ଏମ୍‌ସିଏଲ୍) ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ ମଙ୍ଗଳବାର ପୁରୀ ଜିଲା ଗସ୍ତ କରି ସ୍ୱାସ୍ଥ୍ୟ ଭିତ୍ତିଭୂମି ଯାଞ୍ଚ ଓ ଧାନ ସଂଗ୍ରହ ସମ୍ପର୍କିତ ସମୀକ୍ଷା କରିଛନ୍ତି। ଏହି ଅବସରରେ ଯାମିନୀ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଅନୁଷ୍ଠିତ ବୈଠକରେ ଧାନ ସଂଗ୍ରହ ଓ ମଣ୍ଡି ଭିତ୍ତିଭୂମି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଛି। ଯାମିନୀ ପୁରୀରେ ପହଞ୍ଚିବାରେ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଦେଖିଥିଲେ। ପରେ ଚାଷୀଙ୍କ ଜମି ମଧ୍ୟ କିଛି ଯାଞ୍ଚ କରି ବିଭିନ୍ନ କଥା ପଚାରି ବୁଝିଥିଲେ। ଆସନ୍ତା ୨୯ ତାରିଖରୁ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହେବ। ଚାଷୀମାନେ ସେମାନଙ୍କ ଅମଳ ଧାନକୁ ଯେପରି ସୁବିଧାରେ ବିକ୍ରୟ କରିପାରିବେ ସେନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରେ ନିର୍ଦ୍ଦେଶିକା ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର, ଟିକାକରଣ, ଅକ୍ସିଜେନ ପ୍ଲାଣ୍ଟ ଯାଞ୍ଚ, କୋଭିଡ୍ ପ୍ରସ୍ତୁତ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଓମିକ୍ରନ୍ ସଂକ୍ରମିତ ରାଜ୍ୟରେ ଚିହ୍ନଟ ହେବା ପରେ ପୁରୀ ଜିଲାରେ କୋଭିଡ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଚାଲିଛି। ଅକ୍ସିଜେନ୍ ପ୍ଲାଣ୍ଟ ଓ ଆଇସିୟୁ ପ୍ରସ୍ତୁତ ରଖିବା ସମ୍ପର୍କରେ ନିର୍ଦ୍ଦେଶିକା ଆଲୋଚନା କରିଛନ୍ତି। ମାଳତୀପାଟପୁର ଓ ସାକ୍ଷୀଗୋପାଳ ଗସ୍ତ କରି ମଣ୍ଡି ବ୍ୟବସ୍ଥାର ମଧ୍ୟ ଯାଞ୍ଚ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ସୁବାସଚନ୍ଦ୍ର ନାଥଶର୍ମା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଣବ ଶଙ୍କର ଦାସ, ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଯୋଗାଣ ଅଧିକାରୀ ସୁବୋଧ ହୋତା, ଜିଲା ସମବାୟ ସମିତି ଉପନିବନ୍ଧକ ଭୀମସେନ ସାହୁ, ଡିପିଏମ ଟି.ନାରାୟଣ, ସାକ୍ଷୀଗୋପାଳ ବିଡିଓ କ୍ଷୀରୋଦ ବେହେରା ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କମଳ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଓଏସ୍‌ଏମ୍‌ସିଏଲ୍ ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯାଞ୍ଚ କରୁଛନ୍ତି ।





୨୧।୧୨।୨୦୨୧

| ୩,୯୩,୦୮୦ ଟଙ୍କା | |
|---|---|
| ସୁନା | ୧.୪୦୦ ଗ୍ରାମ |
| ରୁପା | ୧୧୩.୭୦୦ ଗ୍ରାମ |

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ

ପୁରୀ ଅଫିସ,୨୧।୧୨ - ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ବିଭାଗ ପକ୍ଷରୁ ଗଡ଼ିଶଗୋଦା ଥାନା ଅନ୍ତର୍ଗତ ବିଣ୍ଡିପୁର ଗ୍ରାମରେ ଅବକାରୀ ବିଭାଗ ମଙ୍ଗଳବାର ଚଢ଼ାଉ କରି ୪୦.୮୦୦ ଲିଟର ଦେଶୀ ମଦ (ଆସ୍କା -୪୦) ଜବତ କରିଛି। ବେଆଇନ ଭାବରେ ମଦ ବିକ୍ରି କରିବା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେମାନେ ହେଲେ ବିଣ୍ଡିପୁର ଗ୍ରାମର ରାଜକିଶୋର ଗୁମାନସିଂହ ଓ ଅନାମ ବଳିଆରସିଂ। ଏ ନେଇ ସାତପଡ଼ା ଅବକାରୀ ଥାନା ନଂ.୮୭,୮୮/୨୧ ରେ ୨ଟି ପୃଥକ ମାମଲା ରୁଜୁ କରିଛି। ଚଢ଼ାଉରେ ସାତପଡ଼ା ଅବକାରୀ ଉପ ନିରୀକ୍ଷକ ବିନୋଦ ବାସ୍କେ, ରଙ୍କନିଧି ମଲ୍ଲିକ, କନଷ୍ଟେବଳ ଭିକ୍ଟୋରିଆ ଡୁଙ୍ଗ୍, ସଞ୍ଜିବ ହସ୍ତୀ, ପ୍ରବୀଣ କର ଏବଂ ବିଜୟାନନ୍ଦ ବେହେରା ପ୍ରମୁଖ ସାମିଲ ଥିଲେ।

### ୪ ନାବାଳକ, ବାଳିକା ଉଦ୍ଧାର

ପୁରୀ ଅଫିସ ୨୧।୧୨ - ପୁରୀ ଆର୍‌ପିଏଫ୍ ପକ୍ଷରୁ ମଙ୍ଗଳବାର ପୁରୀ ରେଲଷ୍ଟେଶନ ପରିସରରୁ ୪ଜଣ ପିଲାଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୩ ଜଣ ନାବଳକ ଥିବା ବେଳେ ଜଣେ ନାବାଳିକା ରହିଛି । ପୁରୀ ଆର୍‌ପିଏଫ୍ ଅଧିକାରୀ ଅନିଲ କୁମାର ସିଂହଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୩୦ରେ ଏକ ଟିମ ଷ୍ଟେଶନ ପରିସରରେ ଚେକିଂ କରୁଥିବା ସମୟରେ ରେଲବାଇ ଯାତ୍ରୀ ନିବାସ ନିକଟରେ ୧୬ରୁ ୧୭ ବର୍ଷ ମଧ୍ୟରେ ୪ ଜଣ ନାବାଳକ ଓ ନବାଳିକାଙ୍କୁ ଏକାକି ବସିଥିଲେ। ଅଧିକାରୀମାନେ ସେମାନଙ୍କୁ ପଚାରି ପୋଷ୍ଟକୁ ଆଣିଥିଲେ। ତେବେ ସେମାନେ ଖୋର୍ଦ୍ଧା ଜିଲା କୁହୁଡି ଅଞ୍ଚଳର ବୋଲି କହିଥିଲେ। ସେମାନେ ତାଙ୍କର ଘର ଲୋକଙ୍କ ଅଜାଣତରେ ୨ଦିନ ହେବ ପୁରୀ ଆସି ବୁଲାବୁଲି କରିଛନ୍ତି। ଠିକ ସୂଚନା ନ ପାଇବାରୁ ପିଲାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ ହୋଇ ନପାରିବାରୁ ଶିଶୁ କଲ୍ୟାଣ ସମିତିକୁ ହସ୍ତାନ୍ତର କରାଯାଇଛି।

### ମାସିକ ଭଞ୍ଜ ସଙ୍ଗୀତ ଆସର

ପୁରୀ ଅଫିସ,୨୧।୧୨ - ବଳଗଣ୍ଡି ଛକସ୍ଥିତ ମାଉସୀମା' ମନ୍ଦିର ପରିସରରେ ମାସିକ ଭଞ୍ଜ ସଙ୍ଗୀତ ଆସର ମଙ୍ଗଳବାର ଅନୁଷ୍ଠିତ ହେଇଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନାରୁ ପାରମ୍ପରିକ ଛାନ୍ଦ ଚଉପଦୀଗୁଡ଼ିକୁ ଆନନ୍ଦ ସଙ୍ଗୀତାୟନ, ଗଞ୍ଜାମ ଜିଲା ଭଞ୍ଜନଗରର କଳାକାରମାନଙ୍କ ଦ୍ୱାରା ଚମତ୍କାର ଭାବେ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂସ୍କୃତି ବିକାଶ ସଂସଦ, ଭୁବନେଶ୍ୱର ଦ୍ୱାରା ଆୟୋଜନ କରାଯାଇଥିଲା। ଗୁରୁ ଅଶୋକ ମହାପାତ୍ରଙ୍କ ସଂଯୋଜନାରେ ସ୍ନିଗ୍ଧାରାଣୀ ଗୌଡ଼, ରଶ୍ମିତା ଭୂୟାଁ, ସୁଧାଂଶୁରାଣୀ ଜେନା, ଚିନ୍ମୟୀ ଗୌଡ଼ ଆଦି କଳାକାରମାନେ ଭଞ୍ଜ ସଙ୍ଗୀତ ଗାନ କରିଥିଲେ। ସେହିପରି ବାଦ୍ୟଯନ୍ତ୍ରରେ ଯଥା ହାରମୋନିଅମରେ ଗୁରୁ ଅଶୋକ ମହାପାତ୍ର, ମର୍ଦ୍ଦଳ-ଅଭିଷେକ ମହାପାତ୍ର, ମଞ୍ଜିରାରେ ଗୁରୁଚରଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଅଭିନେତା ଓ ନିର୍ଦ୍ଦେଶକ ଭରତ ନାଏକ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଦୟା ତ୍ରିପାଠୀ ଏବଂ ବିଶ୍ୱନାଥ ମିଶ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଅଭିନେତା ତଥା ନିର୍ଦ୍ଦେଶକ ରବି ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

### 'ଇଜି ଟୁ ଲର୍ନ' ପୁସ୍ତକ ଉନ୍ମୋଚନ

କଣାସ,୨୧।୧୨(ସ୍ୱ.ପ୍ର)- କଣାସ ବ୍ଲକ ଗଡ଼ିଶାଗୋଦା ଗ୍ରାମର ପ୍ରତିଷ୍ଠିତ ସାରସ୍ୱତ ଅନୁଷ୍ଠାନ ପଲ୍ଲୀପଲ୍ଲବ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ପୁସ୍ତକ ଉନ୍ମୋଚନ ସାନଓରାଠାରେ ଅନୁଷ୍ଠିତ ହୋଇଯାଇଛି। ହରଚଣ୍ଡୀ ଉପ୍ର। ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ କବିକସ୍ତୁରୀ ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ମତ୍ୟୁଞ୍ଜୟ ଦକ୍ଷିଣରାୟଙ୍କ ଲିଖିତ ପୁସ୍ତକ 'ଇଜି ଟୁ ଲର୍ନ'କୁ ଉନ୍ମୋଚନ କରିଥିଲେ। ସମ୍ବିତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଗ୍ରାମୀକେଶରୀ ପ୍ରତାପସିଂହ ପୁସ୍ତକର ସମୀକ୍ଷା କରିଥିଲେ। ସାଗରିକା ମହାପାତ୍ର ଧନ୍ୟବାଦ ଦେଇଥିଲେ।



ପୁରୀ ମରିଚୀକୋଟ୍ ଲେନ୍‌ରେ ମଙ୍ଗଳବାର ମହିଳାମାନେ ବାଟଓଷା ପୂଜା କରୁଛନ୍ତି ।

# ଯମରାଜାଙ୍କ ଉଦ୍ଦେଶ୍ୟରେ ବାଟଓଷା

ପୁରୀ ଅଫିସ ୨୧।୧୨

ପୌଷମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ବାଟ ଓଷା ପାଳନ କରାଯାଏ। ଏହି ଓଷା ଯମରାଜାଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ। ମାଆମାନେ ନିଜ ପୁତ୍ରଙ୍କର ଦୀର୍ଘାୟୁ ଜୀବନ କାମନା କରି ଏହି ଓଷା ପାଳନ କରିବା ସହ ବଜ୍ରମୂଳି ଗଛରେ ଦାଣ୍ଡ ପହଁରି ନିଜ ପୁତ୍ରଙ୍କୁ ଝାଡ଼ିଥାନ୍ତି। ଯମ ବା ଧର୍ମ ଦେବତାଙ୍କ ଯନ୍ତ୍ରଣାରୁ ରକ୍ଷା କରିବା ଏବଂ ଯମଙ୍କୁ ପ୍ରସନ୍ନ କରିବା ଉଦ୍ଦେଶ୍ୟରେ ଏହି ଓଷା କରାଯାଏ। ନୂଆ ଧାନ କୁଟି ପିଠା, ମୁଢ଼ି, ଖଇ, ମୁଆଁ, ଚୁଡା, କଦଳୀ, ମୂଳା, ଆଖୁ, କରମଙ୍ଗା, କନ୍ଦମୂଳ, ସହ ବିଭିନ୍ନ ଫଳମୂଳ ଆଦି ନୈବେଦ୍ୟ ଦିଆଯାଇ ପୂଜା କରାଯାଇଥାଏ । ସାହି ବା ଦାଣ୍ଡର ଗାତ ଖୋଳାଯାଇ କୋଠି ନିର୍ମାଣ କରାଯାଏ। ମା ମାନେ ଚାରିପଟେ ଭୋଗ ରଖି , ବଜ୍ରମୂଳି ଉପରେ ରଖି କପଡ଼ା ଢାଙ୍କିବସନ୍ତି ଏବଂ ଯମ ଦେବତାଙ୍କୁ ବ୍ରାହ୍ମଣଙ୍କଦ୍ୱାରା ପୂଜାର୍ଚ୍ଚନା କରିଥିଲେ। ପରେ ବାଟ ଓଷା ବହି ପଢି ନିଜ ସନ୍ତାନଙ୍କ ଦୀର୍ଘଜୀବନ କାମନା କରି ଯମ ଦେବତାଙ୍କୁ ସ୍ମରଣ କରିବା ପରେ ଉକ୍ତ ସ୍ଥାନକୁ ବ୍ରଜମୂଳି ଦ୍ୱାରା ଓଳାଇ ସେହି ବ୍ରଜମୂଳିକୁ ପିଲାମାନଙ୍କୁ ଝାଡି ଥାନ୍ତି।

# ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତା

**ମହିଳାରେ ସୁରଜମଲ, ପୁରୁଷରେ ଗୋପୀନାଥ କଲେଜ ଚାମ୍ପିୟନ**

ପୁରୀ ଅଫିସ,୨୧।୧୨

ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଜୋନ ସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ବକ୍ସିଂ ଚାମ୍ପିୟନଶିପ୍ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜୋନସ୍ତରୀୟ ପ୍ରତିଯୋଗିତା ପୁରୀ ଗଙ୍ଗାଧର ଆଇନ ମହାବିଦ୍ୟାଳୟର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଗଙ୍ଗାଧର ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଶେଷଦେବ ମହାରଣା ଓ ପୁରୀ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ରବିଶଙ୍କର ପ୍ରତିହାରୀ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ କୈଳାସ ଚନ୍ଦ୍ର ରଥ, ଅଭିମନ୍ୟୁ ଶତପଥୀ, ଗୋପୀନାଥ ସାହୁ ଏବଂ ଓଡ଼ିଶା ପୋଲ ସାଇକେଲ ଦଳର ପୂର୍ବତନ ଅଧିନାୟକ ପ୍ରୀତିଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୮ ଟି କଲେଜର ୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରୀ ବକ୍ସିଂ ଏକାଡେମୀର ସମ୍ପାଦକ ସୁଦର୍ଶନ ସାହୁ, ବକ୍ସିଂ କୋଚ ଶଙ୍କର ପ୍ରସାଦ ଅଧିକାରୀ, ବିଶ୍ୱରଞ୍ଜନ ପଣ୍ଡା, ପ୍ରଦୀପ ଦାସ, ବର୍ଷା ଜେନା, କବିତା ଗୁରୁ ଏବଂ ଅଞ୍ଜନା ଦାସ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ମହିଳା ବିଭାଗରେ ପୁରୀର ସୁରଜମଲ୍ ସାହା କଲେଜ ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ବିଭାଗରେ ପୁରୀର ଗୋପୀନାଥ ଦେବ ଡିଗ୍ରୀ କଲେଜ ଚାମ୍ପିୟନ ହୋଇଛି।



ବକ୍ସିଂ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଉପସ୍ଥିତ ଖେଳାଳି ଓ ଅତିଥି ।

# ପାନ୍ ଯମୁନା କିଷାନ ମିତ୍ର ସମ୍ମିଳନୀ

ନିମାପଡ଼ା,୨୧।୧୨(ଡି.ଏନ୍.ଏ.)

ପାନ୍ ସିଡ୍‌ସ ପ୍ରାଇଭେଟ ଲିଃ ଭୁବନେଶ୍ୱର ପକ୍ଷରୁ ପାନ୍ ଯମୁନା କିଷାନ ମିତ୍ର ସମ୍ମିଳନୀ ଓ କୃଷକ ସମାବେଶ ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଅତିଥି ଭାବେ କମ୍ପାନୀର ଟେରିଟୋରି ମ୍ୟାନେଜର ସୁମିତ ଗୌରବ ପାତ୍ର, ମାର୍କେଟିଂ ଡେଭଲପମେଣ୍ଟ ଅଫିସର ବିକାଶ ଖଟୋଇ, ରିଟେଲର ଗୋକୁଳାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ପାନ୍ କମ୍ପାନୀର ଉତ୍କୃଷ୍ଟ ବିହନ ବୁଣି ଜୈବିକ ସାର ପ୍ରୟୋଗ କରି ଚାଷୀମାନେ କିପରି କମ୍ ଖର୍ଚ୍ଚରେ ଅଧିକ ଅମଳ ଓ ଉତ୍ପାଦନ କରି ଲାଭବାନ ହେବେ, ଧାନ, ଗହମ, ପନିପରିବା ଆଦି ଉତ୍ତମ ପ୍ରଣାଳୀରେ ଚାଷ କରି ଚାଷୀମାନେ କିଭଳି ବହୁଳ ଭାବେ ଲାଭବାନ ହୋଇପାରିବେ ଏଦିଗରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱାରୋପ କରି ଚାଷୀମାନଙ୍କୁ ଉତ୍ତମ ପ୍ରଣାଳୀରେ ଚାଷ ସମ୍ପର୍କରେ ଅବଗତ କରିଥିଲେ। ଏହି ସମ୍ମିଳନୀରେ ନିମାପଡ଼ା ବ୍ଲକର ଶତାଧିକ ଚାଷୀ ଯୋଗଦେଇଥିଲେ।

# ହସ୍ତଶିଳ୍ପ ବିଭାଗ ପକ୍ଷରୁ ଡିଜାଇନ୍ ବିକାଶ କର୍ମଶାଳା

ନିମାପଡ଼ା,୨୧।୧୨(ଡି.ଏନ୍.ଏ.)

ରାଜ୍ୟ ହସ୍ତଶିଳ୍ପ ବିଭାଗ ସହାୟତାରେ ପୁରୀ ଜିଲା ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ଡିଜାଇନ ବିକାଶ କର୍ମଶାଳା ମଙ୍ଗଳବାର ନିମାପଡ଼ା ବ୍ଲକ ଅନ୍ତର୍ଗତ ନଡ଼ଣା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଅତିଥି ଭାବେ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ନଡ଼ଣା ଗ୍ରାମର ୪୫ଜଣ ମହିଳାଙ୍କୁ ପୂର୍ବରୁ ଶିଳ୍ପ ଗ୍ରାମ ଯୋଜନା ଓ ଏସ୍‌ସିଏସ୍ ଯୋଜନା ମାଧ୍ୟମରେ ଦକ୍ଷତା ବିକାଶ ନିମନ୍ତେ କତା କଣ୍ଢେଇ ଶିଳ୍ପର ପ୍ରଶିକ୍ଷଣ, ବ୍ୟାଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିବାରୁ କତା କଣ୍ଢେଇ କାରିଗରମାନେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ



କର୍ମଶାଳାରେ ଅଧିକାରୀମାନେ ମହିଳାଙ୍କୁ କାର୍ଯ୍ୟ ବିଷୟରେ ବୁଝାଉଛନ୍ତି ।

ପ୍ରତିଷ୍ଠାନ(ସିଆଇଡିଏସି)ର ପ୍ରକଳ୍ପ ସଂଯୋଜକ ରମାକାନ୍ତ ଖଟୋଇ, ଶିଶିର କୁମାର ରଥ, ପୁରୀ ହ୍ୟାଣ୍ଡିକ୍ରାଫ୍ଟ ବିଭାଗର ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ, ମନମୋହନ ମିଶ୍ର, ବାସୁଦେବ ଘଡ଼େଇ, ଓଡ଼ିଶା ଜୀବିକା ମିଶନ ନିମାପଡ଼ା ବ୍ଲକର ପ୍ରୋଜେକ୍ଟ ମ୍ୟାନେଜର(ବିପିଏମ୍) ମଧୁଛନ୍ଦା ପ୍ରଧାନ, ବିଏଲ୍‌ସି କିରଣବାଳା ଜେନା, ଜୟସ୍ମିତା ପ୍ରଧାନ, ସବ୍ୟସାଚୀ ମହାରଣା, ଡିଜାଇନର ଜ୍ୟୋତିରଞ୍ଜନ ସାହୁ(ଏସ୍‌ସିଏସ୍), ଉଦ୍ୟୋଗମିତ୍ର ଅମିୟ ପୌଦାର ପ୍ରମୁଖ ଯୋଗଦେଇ ହୋଇପାରିଥିବା ବେଳେ ଉକ୍ତ ସାମଗ୍ରୀର ମାନବୃଦ୍ଧି ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ଜୀବିକା ମିଶନ ସହାୟତାରେ କତା କଣ୍ଢେଇ କାରିଗରଙ୍କ ବିକାଶ ପାଇଁ ଏକ ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇଥିବା ଏହି ବ୍ଲକ ବିପିଏମ୍ ମଧୁଛନ୍ଦା ପ୍ରଧାନ କହିଛନ୍ତି। ଏହି ଅବସରରେ ରାଜ୍ୟକଳା ଓ ହସ୍ତଶିଳ୍ପ ବିକାଶ ପ୍ରତିଷ୍ଠାନ ସହାୟତାରେ ହସ୍ତଶିଳ୍ପ ବିଭାଗ ପୁରୀ ପକ୍ଷରୁ ଏକ ଡିଜାଇନ ବିକାଶ କାର୍ଯ୍ୟରମ୍ଭ ଶୁଭାରମ୍ଭ ହୋଇଯାଇଛି।

## ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଚୟନ ଶିବିର

ସାକ୍ଷୀଗୋପାଳ,୨୧।୧୨(ସ୍ୱ.ପ୍ର.)

ଜିଲା ସଂସ୍କୃତି ବିଭାଗ ସହଯୋଗରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ପକ୍ଷରୁ ସତ୍ୟବାଦୀ ବ୍ଲକର ବୀରଗୋବିନ୍ଦପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଚୟନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସତ୍ୟବାଦୀ ବିଡିଓ ତଥା କଳା ସଂସ୍କୃତି ସଂଘର ସଭାପତି କ୍ଷୀରୋଦ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ପାଲା, ସଂକୀର୍ତ୍ତନ, ଗୋଟିପୁଅ, ଘୋଡାନାଚ, ପଥର ଖୋଦେଇ, ସଙ୍ଗୀତ, ପରିନାଚ, ରାମଲୀଳା ପ୍ରଭୃତି କାର୍ଯ୍ୟକ୍ରମରେ ୩୧୦ଜଣ କଳାକାର ଆବେଦନ କରିଥିବାବେଳେ ୨୭୦ କଳାକାର ଏଥିରେ ଭାଗ ନେଇଛନ୍ତି। ସଂଘର ଉପସଭାପତି ରମେଶ ଚନ୍ଦ୍ର ପଲାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ବେହେରା, ଶିଶୁ ମଙ୍ଗଳ ଅଧିକାରୀ ରାଜଲକ୍ଷ୍ମୀ ଦାସ, ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅମିତା ମିଶ୍ର ଉପସ୍ଥିତ ଥିଲେ। ବିଚାରକ ମଣ୍ଡଳୀ ଗୁରୁ ସଚ୍ଚିଦାନନ୍ଦ ମହାପାତ୍ର, କୁଳମଣି ବିଶ୍ୱାଳ, ଶୁଭସୁନ୍ଦର ଘଟୁଆରୀ, ବଦ୍ରିନାରାୟଣ ଖୁଣ୍ଟିଆ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପ୍ରତାପଚନ୍ଦ୍ର ପ୍ରଧାନ, ବିଜୟ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

## ପ୍ରଦୀପ ମହାରଥୀ ଗ୍ରାମୀଣ ପାର୍କ ଉଦ୍‌ଘାଟିତ

ଡେଲାଙ୍ଗ,୨୧।୧୨(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ଗୁଆଳିପଡା ପଞ୍ଚାୟତର ହୁମରସ୍ଥିତ ନବନିର୍ମିତ ପ୍ରଦୀପ ମହାରଥୀ ଗ୍ରାମୀଣ ପାର୍କକୁ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମଙ୍ଗଳବାର ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମବାସୀଙ୍କ ପାଇଁ ୧ କୋଟି ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରିଛନ୍ତି। ମୁଖ୍ୟ ଅତିଥିଭାବେ ଶ୍ରମମନ୍ତ୍ରୀ ସିଂ ଯୋଗଦେଇ ଏହି ପାର୍କରେ ଥିବା ପୁଷ୍କରିଣୀରେ ୪ଟି ବୋଟ୍ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ରୁଦ୍ରପ୍ରତାପ ମହାରଥୀ ମଧ୍ୟ ପାର୍କକୁ ଆହୁରି ବିକଶିତ କରିବା ପାଇଁ ୫ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ଏହି ପାର୍କଟି ଜିଲାର ସବୁଠୁ ଶୀର୍ଷସ୍ଥାନ ଅଧିକାର କରିଛି ବୋଲି ସତ୍ୟବାଦୀ ବିଧାୟକ ସାମନ୍ତରାୟ କହିଥିଲେ। ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦିଲୀପ ଷଡଙ୍ଗୀ, ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ, ଡେଲାଙ୍ଗ ବ୍ଲକ ଆମ୍ବାର ଅଧ୍ୟକ୍ଷ ସୁଧାକର ମାର୍ଥା, ପିପିଲି ବ୍ଲକ ଆମ୍ବାର ଅଧ୍ୟକ୍ଷ ଧରଣୀଧର ସାହୁ, ନାରାୟଣ ସ୍ୱାଇଁ, କିଶୋର ଛୋଟରାୟ, ସରପଞ୍ଚ କାଳନ୍ଦୀ ଚରଣ ଜେନା, ବାସୁଦେବ ଜେନା, ଦୁର୍ବାସା ନିଶଙ୍କ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସିଂ ଡେଲାଙ୍ଗ ବ୍ଲକର ୭ ହଜାର ହିତାଧିକାରୀଙ୍କୁ ଶ୍ରମକାର୍ଡ ବଣ୍ଟନର ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ହିତାଧିକାରୀଙ୍କୁ ସମସ୍ତ କାର୍ଡ ବଣ୍ଟନ ପ୍ରକ୍ରିୟା ଶେଷ କରାଯିବ ବୋଲି କହିଥିଲେ।

## କିଶୋରୀ ସ୍ୱାସ୍ଥ୍ୟ ଦିବସ ପାଳିତ

କଣାସ,୨୧।୧୨(ସ୍ୱ.ପ୍ର)

କଣାସ ବ୍ଲକ ଅନ୍ତର୍ଗତ ବେଣଗାଁ ଗ୍ରାମର ଅଙ୍ଗନୱାଡି ପକ୍ଷରୁ ସ୍ଥାନୀୟ ବେଣାଗାଁ ୟୁ.ଜି.ୟୁ.ପି ବିଦ୍ୟାଳୟ ପରିସରରେ କିଶୋରୀ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ବେଣାଗାଁ ଅଙ୍ଗନୱାଡି ନଂ-୧ର ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନାରାଣୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଲଗେନ୍ଦ୍ରନାଥ ସୁନ୍ଦରାୟ ଓ ଅତିଥି ରୂପେ ସୁଶ୍ରୀ ଜୟଲଳିତା ସାହୁ, ସି.ଏଚ୍‌ଓ ରାଜଲକ୍ଷ୍ମୀ ଖଣ୍ଡାୟତରାୟ, ଏଏନ୍‌ଏମ ସ୍ୱାତୀସୁଚରିତା ରାଉତରାୟ, ଶିକ୍ଷକ ଭୂପତି ଭୂଷଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ କିଶୋରୀମାନଙ୍କର ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କିଶୋରୀମାନଙ୍କ ମଧ୍ୟରେ କୁଇଜ, ନୃତ୍ୟ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବେଣାଗାଁ ଅଙ୍ଗନୱାଡି ନଂ-୨ କର୍ମୀ ଇତିଶ୍ରୀ ପଟ୍ଟନାୟକ, ଦୟାବିହାର ଅଙ୍ଗନୱାଡି କର୍ମୀ ଅଳକା ବେହେରା, ଆଶା ଦିଦି ଅନିତା ସାହୁ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିବା ବେଳେ ସହାୟିକା ସକୁନ୍ତଳା ପ୍ରଧାନ, ଶାରାପ ହରିଚନ୍ଦନ, ସରୋଜିନୀ ବେହେରା ସହଯୋଗ କରିଥିଲେ।

# ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାର ହେଉ

■ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ଉଦ୍‌ଘାଟିତ
■ ବିଭିନ୍ନ କ୍ଷେତ୍ରରେ ୫ଜଣଙ୍କୁ ସମ୍ମାନିତ

ପୁରୀ ଅଫିସ,୨୧।୧୨

ଓଡ଼ିଶୀ ଶାସ୍ତ୍ରୀୟ ଗବେଷଣା କେନ୍ଦ୍ର ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପୁରୀ ପରିବାର ତରଫରୁ ୨୧ତମ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ଓ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ଯୁବ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଗଣ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ଭବିଷ୍ୟତ ଅତି ଉଜ୍ଜ୍ୱଳ ବୋଲି ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା, ସାମାଜିକ କର୍ମୀ ଶ୍ରୀକଣ୍ଠ ମିଶ୍ର, ରବିନାରାୟଣ ଗୁରୁ, ପଣ୍ଡିତ ସୀମାଞ୍ଚଳ ଦାଶ, ଖବରଦାତା ବଦ୍ରି ମିଶ୍ର, ସୁଆର ମହାସୁଆର ନିଯୋଗର ପୂର୍ବତନ ସଭାପତି ଭଗବାନ ସୁଆର, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ, ରାଜେଶ ମିଶ୍ର, ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା, ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟକ୍ରମ ନିର୍ବାହୀ ମହିମୋହନ ପ୍ରଧାନ ଏବଂ କାର୍ଯ୍ୟକ୍ରମ ମୁଖ୍ୟ ସଂଯୋଜକ ଗୁରୁ ସତ୍ୟନାରାୟଣ ଗୁରୁ ଯୋଗଦେଇ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏ ସମସ୍ତ ଆୟୋଜନକୁ ପ୍ରଶଂସା କରିବା ସହ ଆଗକୁ ମଧ୍ୟ ଏହାର ପ୍ରଚାର ଜୋରସୋରରେ ହେବା ଆବଶ୍ୟକ ବୋଲି କହିଥିଲେ।

ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶତ୍ରୁଘ୍ନ ନାୟକ ବିବରଣୀ ପାଠ କରିବା ପରେ ଅନୁଷ୍ଠାନର ଶିଳ୍ପୀବୃନ୍ଦ ଶ୍ରୀମାନ ଅଂଶୁମାନ ସ୍ୱାଇଁ, ବାସୁଦେବ ସିଂହାରୀ, ସୋନାଲି ତିୱାରୀ ଓ ରୂପାଲି ତିୱାରି ପ୍ରମୁଖ ପୁରାତନ ରଚନାରୁ ଭଜନ ଜଣାଣ ପରିବେଷଣ କରିଥିଲେ। ପରେ ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ସଂଗୀତ ପରିଚାଳନାରେ ଓଡ଼ିଶୀ ବୃନ୍ଦଗାନ ପରିବେଷଣ ହୋଇଥିଲା। ପରେ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷମାନଙ୍କ ପକ୍ଷରୁ ସଙ୍ଗୀତ, ଭଜନ, ଚମ୍ପୁ, ଛାନ୍ଦ ଆଦି ପରିବେଷଣ କରାଯାଇଥିଲା। ଏହି ଅବସରରେ ପଣ୍ଡିତ ସୀମାଞ୍ଚଳ ଦାଶଙ୍କୁ ଅନୁଷ୍ଠାନ ତରଫରୁ ଆଦ୍ୟ ସଂଗୀତଗୁରୁ ଦେଶରାଜା ସିଂହାରୀ ଶ୍ୟାମସୁନ୍ଦର କର ସ୍ମୃତି ଉପାଧି ପ୍ରଦାନ କରାଯିବା ସହିତ ଗୁରୁ ଶଙ୍କର୍ଷଣ ପାତ୍ରଙ୍କୁ କାଶୀନାଥ ପୂଜାପଣ୍ଡା ସ୍ମୃତି ସମ୍ମାନ, ଉର୍ମିଳା ପ୍ରଧାନଙ୍କୁ ପଣ୍ଡିତ ମାର୍କଣ୍ଡେୟ ମହାପାତ୍ର ସ୍ମୃତି ସମ୍ମାନ, ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କୁ ହରିହର ଗୁରୁ ସ୍ମୃତି ସମ୍ମାନ ଓ ବିଶିଷ୍ଟ ମର୍ଦ୍ଦଳ ବାଦକ ତଥା ତବଲା ବିଦ୍ୱାନ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ ସ୍ୱର୍ଗତ କ୍ଷେତ୍ରମୋହନ କର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବାଦ୍ୟଯନ୍ତ୍ରରେ ଗୁରୁ ବିଜୟ ମହାପାତ୍ର, ଗୁରୁ ସତ୍ୟନାରାୟଣ ଗୁରୁ, ଗୁରୁ ହରିଶ୍ଚନ୍ଦ୍ର ଦାଶ, ଗୁରୁ ରବିନାରାୟଣ ପଣ୍ଡା, ଗୁରୁ ରବିନାରାୟଣ ଦାଶ, ମାଧବ ଶ୍ରୀନନ୍ଦନ ସାହୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଭାଷ୍ୟକାର ତଥା ଉପସ୍ଥାପକ ଡଃ ମୃତ୍ୟୁଞ୍ଜୟ ରଥ, ଗୁରୁ ତରତ ନାୟକ, ମହିମୋହନ ପ୍ରଧାନ, ଶରତ ପଲେଇ, ଦଉହରି ମହାପାତ୍ର, ବେଣୁଧର ପଣ୍ଡା, ନିର୍ମଳ ନନ୍ଦ, ସିଦ୍ଧାନ୍ତ ଶଙ୍କର ନାୟକ ଓ ରଶ୍ମିରଞ୍ଜନ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି ସଂଯୋଜନା କରିଥିଲେ।



ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଗହଣରେ ଅତିଥିମାନେ ।